ଧରିତ୍ରୀ
DHARITRI
January 23-29, 2022 ₹ 2/-


# ଛୁଟିଦିନ

## ପଦବୀଠୁ ବଡ଼
# ମାନବିକତା



୩
ପ୍ରଚ୍ଛଦ ପ୍ରସଙ୍ଗ

ସାଧାରଣରେ ଏକ ଧାରଣା ଥାଏ ଯେ, ସରକାରୀ ବାବୁଭାୟାମାନେ ଲୋକଙ୍କ ଦୁଃଖସୁଖରେ ନଜର ଦେଇ ନ ଥାନ୍ତି । କିନ୍ତୁ ଏହାକୁ ଭୁଲ୍ ପ୍ରମାଣିତ କରିଦେଇଛନ୍ତି କିଛି ଉଚ୍ଚପଦସ୍ଥ କର୍ମଚାରୀ । ଦେଖାଇଦେଇଛନ୍ତି ମାନବିକତା ସବୁଠୁ ଉପରେ..




ଲାଇଫ୍ ଷ୍ଟାଇଲ
୪

## ସୁଖ ସମୃଦ୍ଧି ପାଇଁ ବାସ୍ତୁ

କେତେଥର ଏମିତି ହୋଇଥିବ, ଘରେ କୌଣସି ଜିନିଷର ଅଭାବ ନ ଥିବ, କିନ୍ତୁ କଳହ ସବୁବେଳେ ଲାଗି ରହୁଥିବ। ଏପରିକି ଘରର ଉନ୍ନତି ପଥରେ ବାରମ୍ବାର ବାଧା ଉପୁଜିବା ସହ ରୋଜଗାର ତୁଳନାରେ ଖର୍ଚ୍ଚ ବଢ଼ିଯାଉଥିବ, ରୋଗବ୍ୟାଧି ଲାଗି ରହୁଥିବ ଇତ୍ୟାଦି। କୁହାଯାଏ, ଏସବୁ କୁଆଡ଼େ ବାସ୍ତୁଦୋଷ ପାଇଁ ହୋଇଥାଏ। ତେଣୁ କ'ଣ କଲେ ଏସବୁରୁ ମୁକ୍ତି ପାଇହେବ ଆସନ୍ତୁ ଜାଣିବା ସେ ସମ୍ପର୍କରେ...

*ଘରର ମୁଖ୍ୟ ଦ୍ୱାରକୁ ସର୍ବଦା ସଫାସୁତୁରା ରଖିବା ସହ ଏଠାରେ କେମିତି ଭଲ ଆଲୋକ ପଡ଼ିପାରିବ ସେ ବ୍ୟବସ୍ଥା କରିବା ଦରକାର।

*ରୋଷେଇ ଘରକୁ ସଫା ରଖିବା ସହ ତିଆରି କରାଯାଇଥିବା ପ୍ରଥମ ରୁଟିକୁ ଗୋମାତାଙ୍କୁ ଦେବା ଶୁଭ ହୋଇଥାଏ।



*ସପ୍ତାହକୁ ଥରେ ହେଉନା କାହିଁକି ଘରେ ଗୁଗୁଳ ଧୂଆଁ ଦେବା ଦ୍ୱାରା ଘରୁ ନକାରାତ୍ମକ ଉର୍ଜ୍ଜା ଦୂର ହୋଇଥାଏ ବୋଲି ବିଶ୍ୱାସ କରାଯାଏ।

*ଗୃହରେ କେବେବି ଗୋଟିଏ ରେଖାରେ ତିନୋଟି କବାଟ ରହିବା ଉଚିତ୍ ନୁହେଁ।

*ଘରେ କେବେ ବି କୌଣସି ଭଙ୍ଗାରୁଜା ଜିନିଷ କିମ୍ବା ଅଳିଆ ଆବର୍ଜନାକୁ ଗଦେଇକରି ରଖିବା ଠିକ୍ ନୁହେଁ। ଏହାର କୁପ୍ରଭାବ ମଧ୍ୟ ଘରର ସୁଖଶାନ୍ତି ଉପରେ ପଡ଼ିଥାଏ।

*ଯେଉଁ ଆସବାବପତ୍ରର କୋଣଗୁଡ଼ିକ ଗୋଲାକାର ଆକୃତିର ହୋଇଥିବ ସେହି ଆସବାବପତ୍ରକୁ ଘରେ ପକାଇବା ଶୁଭ ହୋଇଥାଏ।

* ସେହିପରି ଧ୍ୟାନଦେବେ ଘରେ ଲାଗିଥିବା କୌଣସି ଟ୍ୟାପ୍‌ରୁ ଯେମିତି ପାଣି ଲିକ୍ କରୁନଥିବ ଏବଂ ଜଳ ନିଷ୍କାସନର ବ୍ୟବସ୍ଥା ଘରର ପୂର୍ବ କିମ୍ବା ଉତ୍ତର ଦିଗରେ ହୋଇଥିବ।

*ଗାଧୁଆଘରକୁ ସର୍ବଦା ସଫା ରଖିବା ସହ ଧ୍ୟାନଦେବେ ଏଠାରୁ ଯେମିତି ଦୁର୍ଗନ୍ଧ ବାହାରୁ ନଥିବ।

*ଘରର ପୂର୍ବ ଦିଗରେ କିମ୍ବା ପୂଜା ସ୍ଥାନରେ ତୁଳସୀ ଗଛ ରହିବାକୁ ମଧ୍ୟ ଅତ୍ୟନ୍ତ ଶୁଭ ବୋଲି କୁହାଯାଇଥାଏ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜାନୁୟାରୀ ୨୩-୨୯

**ମେଷ**
କର୍ମଜଞ୍ଜାଳ ବୃଦ୍ଧି, ସ୍ଥଗିତ କାର୍ଯ୍ୟାରମ୍ଭ, ପାରିବାରିକ ଶାନ୍ତି, ସ୍ଥିର ସିଦ୍ଧାନ୍ତ ନେବେ। ନୂତନ ମିତ୍ରତା, ପ୍ରଶାସନିକ ତତ୍ପରତା, ଯାନବାହନ ମରାମତି, ନିର୍ମାଣରେ ସମସ୍ୟା, ଯାତ୍ରାରୁ ସୁଫଳ, ଲକ୍ଷ୍ୟ ହାସଲ କରିବେ।

**ବୃଷ**
ଶାରୀରିକ ଅସୁସ୍ଥତା, ଅପ୍ରିୟ ଭାଷଣରୁ ଅଶାନ୍ତି, ସାମାଜିକ ସମ୍ମାନ, ଦୁଶ୍ଚିନ୍ତାଗ୍ରସ୍ତ ହେବେ, ତରବରିଆ ପଦକ୍ଷେପ, ମାଙ୍ଗଳିକ ଉତ୍ସବର ପ୍ରସ୍ତୁତି, ଆଶା କଅଁଳି ଉଠିବ। ବନ୍ଧୁଙ୍କୁ ଆପଣେଇବେ, ଶୁଭଖବର ପାଇବେ।

**ମିଥୁନ**
ବନ୍ଧୁମିଳନ, କଳାପ୍ରିୟ ହେବେ, ଅଶୌଚ ଖବରପ୍ରାପ୍ତି, ଅସାବଧାନତାରୁ ଧନହାନି, ଅନୁତପ୍ତ ହେବେ, ବିଳମ୍ବରୁ କୈଫିୟତ। କଫଜନିତ ପୀଡ଼ା, ଭୁଲ ବୁଝାମଣା, ବିଶୃଙ୍ଖଳିତ କାର୍ଯ୍ୟ, ସହଯୋଗ ମିଳିବ।

**କର୍କଟ**
ଦୈହିକ ଦୁର୍ବଳତା, ଅର୍ଥସମ୍ମାନ ପ୍ରାପ୍ତି, ଆତ୍ମୀୟଙ୍କ ଅପପ୍ରଚାର, ଅସାବଧାନତାରୁ ଦ୍ରବ୍ୟନଷ୍ଟ, ଭାବପ୍ରବଣ ହେବେ। ଅସମ୍ପୂର୍ଣ୍ଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ, ଅଭିଯୋଗ ଆସିପାରେ, ବନ୍ଧୁ ଭୁଲ୍ ବୁଝିବେ, ନିଜ ପ୍ରଚେଷ୍ଟାରେ ପ୍ରତିଷ୍ଠା।

**ସିଂହ**
ନୂତନ ସମ୍ପର୍କ ସୃଷ୍ଟି, ଧନସମ୍ପଦ ହାନି, ପଡ଼ୋଶୀଙ୍କ ସହୃଦୟତା, ସମସ୍ୟା ଆସିପାରେ, ବାଣିଜ୍ୟ ମାନ୍ଦା ହେବ, ସ୍ଥିରତା ଅବ୍ୟାହତ ରହିବ, ବନ୍ଧୁଙ୍କ ସହାୟତା, ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ, ଭୋଗବିଳାସର ପ୍ରାଚୁର୍ଯ୍ୟ, ଗାଡ଼ି ସମ୍ପର୍କୀୟ ଦୁଶ୍ଚିନ୍ତା।

**କନ୍ୟା**
ଧର୍ମକାର୍ଯ୍ୟ କରିବେ, ବିବାଦରେ ବିଜୟ, ଅଶାନ୍ତି ଲାଗି ରହିବ। ଭ୍ରାତୃସମ୍ପର୍କ ବୃଦ୍ଧି, ଏଜେନ୍ସିପରୁ ଖୁସି ରହିବେ, ବିଭିନ୍ନ ସୂତ୍ରରୁ ରୋଜଗାର, ବକେୟା ଅର୍ଥ ଆଦାୟ, ଯାତ୍ରାରେ ସଫଳତା।

**ତୁଳା**
ନିୟନ୍ତ୍ରିତ ସ୍ୱାସ୍ଥ୍ୟ, ପଦମର୍ଯ୍ୟାଦା ବୃଦ୍ଧି, ସାମାଜିକ ସମ୍ମାନ ଲାଭ, କାମ ଶେଷ କରିପାରିବେନି, ପ୍ରତିବନ୍ଧକ ଦେଖାଦେବ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବେ, ଅବହେଳାରୁ କାର୍ଯ୍ୟହାନି, ବିବାଦରେ ନୀରବତା।

**ବିଛା**
ମାନସିକ ଅସ୍ଥିରତା, ସରକାରୀ ସହାୟତା, ସ୍ୱଜନ ଶତ୍ରୁତା, ପରିସ୍ଥିତିକୁ ସଜାଡ଼ିବେ, ସମସ୍ୟାର ମୁକାବିଲା, ଶିକ୍ଷାରେ ସଫଳତା। ଭ୍ରମଣ ସୁଯୋଗ ଜୁଟିବ, ସମାଲୋଚିତ ହୋଇପାରନ୍ତି, ପ୍ରାପ୍ୟଧନରେ ବାଧା।

**ଧନୁ**
ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ନୂତନ ବନ୍ଧୁତ୍ୱ ସୃଷ୍ଟି, ଯାନବାହନ ଲାଭ, ବନ୍ଧୁମିଳନ, ଆମୋଦପ୍ରମୋଦ, କନ୍ୟାହେତୁକ ସମସ୍ୟା, ପରାଶ୍ରୟତାର ଦୁଃଖ, ସ୍ୱାସ୍ଥ୍ୟରେ ଉନ୍ନତି, ପଡ଼ୋଶୀଙ୍କ ସହାନୁଭୂତି, ପାରିବାରିକ ସଦ୍ଭାବ।

**ମକର**
ଶୁଭଖବର ପାଇବେ, ବନ୍ଧୁମିଳନ ଘଟିବ, ଋଣଗ୍ରସ୍ତ ହୋଇପାରନ୍ତି, ପ୍ରତୀକ୍ଷାର ଅନ୍ତ ଘଟିବ, ହାତ ଖାଲି ରହିବ, ଯାତ୍ରା କରିବାକୁ ପଡ଼ିପାରେ। ବିରୋଧୀ ସକ୍ରିୟ ହେବେ, ଦ୍ୱନ୍ଦ୍ୱର ଅବସାନ ଘଟିବ, ମିତ୍ରତା ବଢ଼ିବ।

**କୁମ୍ଭ**
ସମସ୍ୟା ସମାଧାନ, ବିଦେଶ ଯାତ୍ରାର ସୁଯୋଗ, ଶାରୀରିକ ଅସୁସ୍ଥତା, ଆର୍ଥିକ ଅଭିବୃଦ୍ଧି, ଭ୍ରାତୃ ସମ୍ପର୍କରେ ଉନ୍ନତି, କର୍ମକ୍ଷେତ୍ରରେ ବ୍ୟତିକ୍ରମ, ମାଙ୍ଗଳିକ କାମର ପ୍ରସ୍ତୁତି, ବନ୍ଧୁମିଳନରୁ ଆନନ୍ଦ, ପ୍ରତ୍ୟୁଷ ଯାତ୍ରାରେ ସଫଳତା।

**ମୀନ**
ସାଂସ୍କୃତିକ କାର୍ଯ୍ୟକ୍ରମ, ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ଦୂରଯାତ୍ରାର ମସୁଧା, ନିଷ୍ପତ୍ତିର ପରିବର୍ତ୍ତନ, ଲେଖାପଢ଼ାରୁ ଶୁଭଫଳ, ସୁସ୍ଥତା ଫେରି ପାଇବେ। କ୍ଷତିରେ ପଡ଼ିବେ, ସ୍ନାୟବିକ ଦୁର୍ବଳତା, ସ୍ଥଗିତ କାର୍ଯ୍ୟାରମ୍ଭ, ପ୍ରତିକୂଳ ପରିସ୍ଥିତି, ଚାପ ବଢ଼ିବ, ଶାରୀରିକ ଅସୁସ୍ଥତା।

## କନ୍ଦମୂଳର ଉପକାରିତା

ଆମ ଭିତରୁ ଅନେକେ କନ୍ଦମୂଳ ଖାଇବାକୁ ବହୁତ ଭଲ ପାଇଥାନ୍ତି। ଏହା ଖାଇବାକୁ ଯେମିତି ସୁସ୍ୱାଦୁ ସେମିତି ଶରୀର ପାଇଁ ବେଶ୍ ଉପକାରୀ ମଧ୍ୟ ହୋଇଥାଏ। କାରଣ ଏଥିରେ ଭରିରହିଥାଏ ଭିଟାମିନ୍ ଏ, ଭିଟାମିନ୍ ସି, ମ୍ୟାଗ୍ନେସିୟମ୍, ବିଟା କ୍ୟାରୋଟିନ୍, ମିନେରାଲ୍ସ ଇତ୍ୟାଦି। କୁହାଯାଏ, କନ୍ଦମୂଳ ଖାଇବା ଦ୍ୱାରା ଆଖି ଭଲ ରହିଥାଏ। ଏଥିରେ ପ୍ରଚୁର ମାତ୍ରାରେ ଫାଇବର୍ ରହୁଥିବାରୁ କୋଲେଷ୍ଟ୍ରୋଲ୍‌କୁ କମ୍ କରିବାରେ ମଧ୍ୟ ଏହା ସହାୟକ ହୋଇଥାଏ। ବ୍ଲଡ୍ ପ୍ରେସର୍‌କୁ ନିୟନ୍ତ୍ରଣରେ ରଖିବାରେ ବି ଏହା ବେଶ୍ ସାହାଯ୍ୟ କରିଥାଏ। ଶରୀରରେ ଆଇରନ୍‌ର ମାତ୍ରା କମ୍ ରହୁଥିଲେ କନ୍ଦମୂଳର ସେବନ ଲାଭଦାୟକ ହୋଇଥାଏ। କୁହାଯାଏ, କନ୍ଦମୂଳ ଖାଇବା ଦ୍ୱାରା ଶରୀରକୁ ଶକ୍ତି ମଧ୍ୟ ମିଳିଥାଏ। ସେହିପରି ପାଚନ କ୍ରିୟାକୁ ସକ୍ରିୟ କରିବାରେ ବି କନ୍ଦମୂଳର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥାଏ। ଏହାର ସେବନ କୋଷ୍ଠକାଠିନ୍ୟ ସମସ୍ୟାରୁ ବି ଅନେକାଂଶରେ ମୁକ୍ତି ଦେଇଥାଏ ବୋଲି ବିଶ୍ୱାସ କରାଯାଏ।



## ପାଠକୀୟ

କୌଳିକ ବୃତ୍ତିର ଦାୟରେ ମାଟିହାଣ୍ଡିର ମୋହରେ ପଡ଼ିଥିବା କୁମ୍ଭକାରଙ୍କ ଆର୍ଥିକସ୍ଥିତି ଧୀରେ ଧୀରେ ଦୁର୍ବଳ ହୋଇପଡିଥିବାବେଳେ ଏବେ ସ୍ଥିତି ସୁଧାରିବାର ବାଟ ଦେଖାଇଛି ଟେରାକୋଟା। ତେଣୁ ଏଭଳି ଏକ ସମୟୋପଯୋଗୀ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ମାଟିହାଣ୍ଡିରୁ ଟେରାକୋଟା' ଟି ମୋ ମନକୁ ବେଶ୍ ଛୁଇଁଗଲା। 'ଦିଗ ଅନୁଯାୟୀ ଫଳ' ଓ 'ଖାଦ୍ୟରୁ ମିଳିବ ଉଷ୍ମତା' ଆଦି ପାଠଗୁଡ଼ିକରୁ ଅନେକ ନୂଆ କଥା ଜାଣିହେଲା। **–ଗୁରୁପ୍ରସାଦ ନାଥ, ବାସେଳିସାହି, ପୁରୀ**

ଜନ୍ମରୁ ମୃତ୍ୟୁ ଯାଏ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ କାମରେ ଖୋଜାପଡ଼ନ୍ତି ସେମାନେ। ଦିନେ ସେମାନଙ୍କ ବିନା ଅସମ୍ଭବ ହୋଇପଡୁଥିଲା କାମ କାର୍ଯ୍ୟ। ହେଲେ ଏବେ ସେମାନଙ୍କର ଗୁରୁତ୍ୱ ନାହିଁ ଆଗଭଳି। ଏମାନେ ହେଲେ କୁମ୍ଭକାର ସମ୍ପ୍ରଦାୟ, ଯାହାଙ୍କ କୌଳିକ ବୃତ୍ତି ମାଟିପାତ୍ର ଗଢ଼ିବା। କିନ୍ତୁ ମାଟିପାତ୍ରର ଚାହିଦା କମିବାରୁ ଏବେ କେମିତି ଏହି ସମ୍ପ୍ରଦାୟର କିଛି ଯୁବପିଢ଼ି ଟେରାକୋଟାକୁ ଅର୍ଥ ଉପାର୍ଜନର ମାଧ୍ୟମ ଭାବେ ବାଛି ନେଇଛନ୍ତି, ସେ ସମ୍ପର୍କରେ ସବିଶେଷ ତଥ୍ୟ ଛୁଟିଦିନର ପ୍ରଚ୍ଛଦ ପ୍ରସଙ୍ଗ 'ମାଟିହାଣ୍ଡିରୁ ଟେରାକୋଟା'ରୁ ଜାଣିହେଲା। 'ଟ୍ରେଣ୍ଡି ଓ୍ୱିଣ୍ଟର ଫ୍ୟାଶନ' ସମ୍ପର୍କରେ ବି ଅନେକ ଅଜଣା କଥା ଜାଣି ଖୁସି ଲାଗିଲା।

**–ଆୟୁଷ ପଟ୍ଟନାୟକ, ଜଙ୍କିଆ, ଖୋର୍ଦ୍ଧା**

ଏଥରର ବ୍ୟକ୍ତିତ୍ୱ ପୃଷ୍ଠାରୁ ଆଦର୍ଶ ଶିକ୍ଷକ ତଥା ବୃକ୍ଷପ୍ରେମୀ ଅନ୍ତର୍ଯ୍ୟାମୀ ସାହୁଙ୍କ ସଂଘର୍ଷପୂର୍ଣ୍ଣ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣି ଆଗକୁ ଯିବାକୁ ପ୍ରେରଣା ମିଳିଲା। ସେହିପରି ସୃଜନ ପୃଷ୍ଠାରେ ସ୍ଥାନିତ 'ଦେବୀ' ନାମକ ଗପଟି ବି ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା। ଅନ୍ୟପକ୍ଷେ ସିନେମା ପୃଷ୍ଠାରେ ସ୍ଥାନିତ ଅଦିତି ରାଓ ହାଇଦରିଙ୍କ ଫଟୋଟି ବି ଖୁବ୍ ସୁନ୍ଦର ଲାଗୁଥିଲା। ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ରୋଜଗାର ସମ୍ପର୍କିତ ଲେଖାଟି ମଧ୍ୟ ପ୍ରେରଣାଦାୟୀ ଥିଲା।

**–ସ୍ୱୟଂପ୍ରଭା ସାହୁ, କେନ୍ଦ୍ରାପଡ଼ା**

ଅଜବ ଅଜବ ଡିଜାଇନ୍‌ର ଜୋତାକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା ହୋଇଥିବା ଆଲେଖ୍ୟ 'ପିନ୍ଧିବେ ନା ସଜାଇ ରଖିବେ' ନାମକ ପାଠଟି ଖୁବ୍ ମଜାଦାର୍ ଥିଲା। ମଡେଲ୍ ମିରର୍‌ରେ ବିଜୟିନୀ ବେଶ୍ ସୁନ୍ଦରୀ ଲାଗୁଥିଲେ। ସେହିପରି ସହର ପୃଷ୍ଠାରୁ 'ଆମ୍ଭର ସହର ସେଲମ' ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିଲା। ଅନ୍ୟପକ୍ଷେ ବିବିଧା ପୃଷ୍ଠାରୁ କଳା ଘରର ଫଟୋଗୁଡ଼ିକ ଦେଖି ଖୁବ୍ ଆଶ୍ଚର୍ଯ୍ୟ ଲାଗିଲା।

**–ଲିପୁନ୍, ଲୋକନ୍, ସିପୁନ୍, ଚକ୍ରତୀର୍ଥ ରୋଡ୍, ପୁରୀ**

ଏଥରର ବ୍ୟଙ୍ଗ 'ମଡନ୍ ମରଣ' ଏକ ନିଆରା ଆଲେଖ୍ୟ ଥିଲା। ସେହିପରି ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ବାଥଟବ୍ ନା କାର୍' ଏବଂ 'କୁନି କୁନି ପ୍ରାଣୀ', 'କପ୍‌କେକ୍ ଟାୱାର' ଆଦି ପାଠଗୁଡ଼ିକ ଯେତିକି ଆଶ୍ଚର୍ଯ୍ୟକର ଥିଲା ସେତିକି ଅଜବ ବି ଲାଗୁଥିଲା। **–ରାଜଶ୍ରୀ ମହାନ୍ତି, ସମ୍ବଲପୁର**

### ବିଶେଷ ଚିଠି

ପ୍ରଚ୍ଛଦ ପ୍ରସଙ୍ଗ 'ମାଟିହାଣ୍ଡିରୁ ଟେରାକୋଟା'
ଉପଯୋଗୀ ଖାଦ୍ୟରୁ ମିଳିବ ଉଷ୍ମତା।
ସୁନ୍ଦର ଲାଗୁଛି ସୃଜନ ପୃଷ୍ଠା
ଯେମିତି ଫଗୁଣର ରଙ୍ଗଛିଟା।
ପୃଷ୍ଠା ବିବିଧାର କଳାଘର
ମଜାଲାଗେ କାର୍ଟୁନ କର୍ନର।
ସ୍ମୃତି ଓ ଅନୁଭୂତିର ପ୍ରଥମ ରୋଜଗାର
ବିଜୟିନୀଙ୍କ ହସ ମଡେଲ୍ ମିରର୍।
ଛୁଟିଦିନର ବ୍ୟାକ୍‌ପେଜ୍
ଭଲ ଲାଗିଲା ସବୁ ଇମେଜ୍।
ଉପସ୍ଥାପନା ପୁସ୍ତକ ସମୀକ୍ଷା
ଛୁଟିଦିନ, ଆସିବ ତମକୁ ମୋର ଅପେକ୍ଷା।



–ସୁନୀଲ୍ କୁମାର ବେହେରା, ମଦାରୀ, ବାସୁଦେବପୁର, ଭଦ୍ରକ

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

# ପଦବୀଠୁ ବଡ଼ ମାନବିକତା



**ସାଧାରଣରେ ଏକ ଧାରଣା ଥାଏ ଯେ, ସରକାରୀ ବାବୁଭାୟାମାନେ ଲୋକଙ୍କ ଦୁଃଖସୁଖରେ ନଜର ଦେଇ ନ ଥାନ୍ତି। କିନ୍ତୁ ଏହାକୁ ଭୁଲ୍ ପ୍ରମାଣିତ କରିଦେଇଛନ୍ତି କିଛି ଉଚ୍ଚପଦସ୍ଥ କର୍ମଚାରୀ। ଦେଖାଇଦେଇଛନ୍ତି ମାନବିକତା ସବୁଠୁ ଉପରେ..**

କୁହାଯାଏ ବିପଦରବନ୍ଧୁ ହିଁ ପ୍ରକୃତବନ୍ଧୁ। ସେ ବନ୍ଧୁ କିଏ ବି ହେଇପାରନ୍ତି। ସମାଜର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଏମିତି ଅନେକ ବ୍ୟକ୍ତି ଅଛନ୍ତି; ଯେଉଁମାନେ ବିଭିନ୍ନ ପଦପଦବୀରେ ଥିଲେ ମଧ୍ୟ ନିଜ କାମ ବ୍ୟତିରେକେ ସେବାକୁ ନିଜର କର୍ତ୍ତବ୍ୟ ବୋଲି ମନେକରି ବନ୍ଧୁତାର ପରିଚୟ ଦେବାସହ ସାଧାରଣ ଲୋକଙ୍କ ସହିତ କାନ୍ଧକୁ କାନ୍ଧମିଳାଇ ଛିଡା ହୋଇଛନ୍ତି । ସେମିତି କେତେଜଣ ସ୍ୱେଚ୍ଛାସେବୀ ଓ ସରକାରୀସ୍ତରୀୟ ବିଭିନ୍ନ ପଦାଧିକାରୀଙ୍କ କାର୍ଯ୍ୟ ସମ୍ପର୍କରେ...

**ମୃତଦେହ ସତ୍କାରକଲେ ଏସ.ପି. ଏବଂ ଜିଲାପାଳ:** ସେଦିନ ଥିଲା ତା ୮-୧-୨୦୨୨ରିଖ। ସମ୍ବଲପୁର ଏସ.ପି. ବାତୁଲା ଗଙ୍ଗାଧର ଏବଂ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସମ୍ବଲ ଅନୁଷ୍ଠାନ ସହ ମିଶି ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହକୁ ସତ୍କାର କରାଇଥିଲେ। ଏମାନଙ୍କ ମଧ୍ୟରେ ଏଡିଏମ୍ ଉମାକାନ୍ତ ରାଜ, ସମ୍ବଲ ଅନୁଷ୍ଠାନର କାଳିଦାସ ପଣ୍ଡା, ରାମଦାସ ପଣ୍ଡା, ସୁବ୍ରତ ପଣ୍ଡା, ପଞ୍ଚାନନ ତ୍ରିପାଠୀ, ପ୍ରଫେସର ଶଙ୍କର ପ୍ରସାଦ ପତି, ଡ. ସନ୍ତୋଷ କୁମାର ଦାସ, ଅଶୋକ ଜଲାନ ପ୍ରମୁଖ ଉପସ୍ଥିତ ରହିଥିଲେ । ସେହିପରି ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ସୁଧୀର ପୂଜାରୀଙ୍କ ଭଳି ସାମାଜିକ କର୍ମୀ ଉପସ୍ଥିତ ରହିଥିଲେ । ଜିଲାପାଳ କୁହନ୍ତି,'ଏହା ଏକ ମହତ୍ କାର୍ଯ୍ୟ । ଗୋଟିଏ ଅଜଣା ବ୍ୟକ୍ତିଙ୍କ ମୃତଦେହକୁ ସମ୍ମାନର ସହିତ ଦାହ କରାଯାଉଛି। ଏଭଳି କାର୍ଯ୍ୟପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ। ଏହା ସମାଜ ପାଇଁ ଏକ ଭଲବାର୍ତ୍ତା।' ସେହିପରି ଏସ୍‌ପି ଗଙ୍ଗାଧର କୁହନ୍ତି, 'ଏଭଳି ସାମାଜିକ କାର୍ଯ୍ୟରେ ଆମେ ସବୁବେଳେ ସହଯୋଗ କରିବୁ। ଟାଉନଥାନା ଅନ୍ତର୍ଗତ ମାଳିପଡା ନିକଟସ୍ଥ ଏକ ବ୍ରିଜ ତଳେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତ ଦେହ ପଡ଼ି ରହିଥିଲା । ଟାଉନଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ । ସେଦିନ ୭୨ଘଣ୍ଟା ପୂରିବା ପରେ ମୃତଦେହ ବ୍ୟବଚ୍ଛେଦ କରି ସତ୍କାର କରାଯାଇଥିଲା। ସୁବ୍ରତ ପଣ୍ଡା କୁହନ୍ତି, '୨୦୦୯ମସିହାଠାରୁ ବିଭିନ୍ନ ସାମାଜିକ କାର୍ଯ୍ୟ କରିଆସୁଛୁ। ଇତି ମଧ୍ୟରେ ୧୦ବର୍ଷ ପୂରିଯାଇଛି। ନିୟମିତ ଭାବେ ପ୍ରଶାସନ ଓ ପୋଲିସ ସହଯୋଗରେ ମୃତଦେହ ସତ୍କାର କରାଯାଉଛି। ସେବେଠାରୁ ଏହିପରି ସେବାରେ ପ୍ରାୟ ୫ଶହ ମୃତକଙ୍କ ଶବ ସତ୍କାର ହେଲାଣି । ଏହା ସହ କୋଭିଡ୍ ସମୟରେ ଖାଦ୍ୟ ବଣ୍ଟନ, ରକ୍ତଦାନ ଶିବିର, ଶୀତବସ୍ତ୍ର ପ୍ରଦାନ, ରାସ୍ତା ସଫେଇ ଓ ବୃକ୍ଷରୋପଣ ଆଦି ବିଭିନ୍ନ କାର୍ଯ୍ୟରେ ସାମିଲ ହୋଇଥାଉ।'

**ଉପଜିଲାପାଳ ଦାହକଲେ ମୃତଦେହ:** ୨୦୨୧ମସିହା। କରୋନା ସଂକ୍ରମଣର ଭୟରେ ଲୋକେ ଭୟଭୀତ ରହିଥାନ୍ତି। ଭଞ୍ଜନଗର ଲଣ୍ଡେଇସାହିର ଜଣେବୃଦ୍ଧଙ୍କ କରୋନାରେ ମୃତ୍ୟୁ ଘଟିଥିଲା। ତାଙ୍କର ଅନ୍ତିମ ସଂସ୍କାରରେ ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜି ସାମିଲ ହୋଇଥିଲେ। ଉପଜିଲାପାଳଙ୍କ ଏପରି କାର୍ଯ୍ୟ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇଥିଲା। ଏଥିପାଇଁ ମୁଖ୍ୟମନ୍ତ୍ରୀ ଟୁଇଟ କରି ପ୍ରଶଂସା କରିଥିଲେ। ଘଟଣାଟି ଥିଲା ଏମିତି– ସେଦିନ ଥିଲା ୧୧।୫।୨୦୨୧ମସିହା। ମଙ୍ଗଳବାର ରାତିସମୟ। ଭଞ୍ଜନଗର ଡିସିଏଚ୍‌ସିରେ ଲଣ୍ଡେଇସାହିର କାଳିଚରଣ ସାହୁ ନାମକ ଜଣେ ବୃଦ୍ଧଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଏସମ୍ପର୍କରେ ମୃତକଙ୍କ ପରିବାରକୁ ସୂଚନା ଦିଆଯାଇଥିଲା। ମାତ୍ର ପରିବାର ଲୋକେ କରୋନା ଭୟରେ କେହି ମୃତଦେହ ନେଇ ନ ଥିଲେ । ଏହା ଜାଣିବାପରେ ନିଜେ ଉପଜିଲାପାଳ ତାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ସେତେବେଳର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଫକୀର ମୋହନ ମାଝି, ବରିଷ୍ଠ ରାଜସ୍ୱ ସହାୟକ ବିଶ୍ୱଜିତ ସେଠୀ, ଫକୀର ମୋହନ ସ୍ୱାଇଁ, କନିଷ୍ଠ ରାଜସ୍ୱ ସହାୟକ ବଳରାମ ଗାନି, ସୁରେନ୍ଦ୍ର ସେଠୀ, ମେଡିକାଲ ପରିଚାଳକ ବିଚିତ୍ର ପାଣିଗ୍ରାହୀ ପ୍ରମୁଖ ପିପିଇ କିଟ୍ ପିନ୍ଧି ବୃଦ୍ଧଙ୍କ ମୃତଦେହକୁ ନେଇ ବେଲେଶ୍ୱର ଶ୍ମଶାନଘାଟରେ ସତ୍କାର କରିଥିଲେ ।

**ଏସଡିପିଓ, ସାମ୍ବାଦିକ, ସ୍ୱାସ୍ଥ୍ୟକର୍ମୀ ଓ ସାମାଜିକକର୍ମୀ କଲେ ମୃତଦେହ ସତ୍କାର:** ୨୦୨୧ ମସିହା, ମେ ୧୧ତାରିଖ ରାତି ସମୟ । ଚାରିଆଡ଼େ କୋଭିଡ୍‌ର ଭୟ। ଖୋର୍ଦ୍ଧାଜିଲା ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଘଟିଥିଲା ଏକ ହୃଦୟସ୍ପର୍ଶୀ ଘଟଣା। ଜଣେ ଯୁବକଙ୍କ ମୃତଦେହ ନିକଟରେ ତାଙ୍କ ବୃଦ୍ଧ ମା' ବାହୁନିବାହୁନି କାନ୍ଦୁଥିବା ବେଳେ ପୁଅ ଶବର ଅନ୍ତିମ ସତ୍କାର ପାଇଁ ଅନେକଙ୍କୁ ଅନୁରୋଧ କରୁଥିଲେ। ତେବେ କେହି ସମ୍ପର୍କୀୟ କିମ୍ବା ଗ୍ରାମବାସୀ ପାଖକୁ ଆସି ନ ଥିଲେ। ଯୁବକଙ୍କ ମୃତଦେହ ବହୁ ସମୟ ଧରି ସ୍ୱାସ୍ଥ୍ୟକେନ୍ଦ୍ରରେ ପଡ଼ି ରହିଥିଲା। ଶେଷରେ ବାଲୁଗାଁ ଏସ୍‌ଡିପିଓ, ସାମାଜିକ କର୍ମୀ, ଡାକ୍ତରଖାନାର ଜଣେ କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ସହଯୋଗରେ ସେଠାରୁ ମୃତ ଯୁବକଙ୍କ ଶବକୁ ନେଇ ସତ୍କାର କରାଯାଇଥିଲା। ତେବେ ଘଟଣାଟି ଥିଲା ଏମିତି – ଚିଲିକା ବ୍ଲକ ଅନ୍ତର୍ଗତ ଆଙ୍ଗୁଲା ଗ୍ରାମର ଲକ୍ଷ୍ମୀ ବାରିକଙ୍କ ସ୍ତ୍ରୀ ଧନି ଏବଂ ପୁଅ ଦିବାକର ବରଡ଼ି ଗ୍ରାମରେ ରୁହନ୍ତି। ଦିବାକର କୁକୁଡ଼ା ଫାର୍ମରେ କାର୍ଯ୍ୟକରି ପରିବାର ଚଳାଇଥାଏ। ଦଶଦିନ ଧରି ଦିବାକର ଜ୍ୱରରେ ପୀଡ଼ିତ ଯୋଗୁ ଅସୁସ୍ଥ ହୋଇପଡ଼ିଥିଲେ । ତାଙ୍କ ମା' ଦିବାକରଙ୍କୁ ଚିକିତ୍ସା ପାଇଁ ବାଲୁଗାଁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ଦିବାକରଙ୍କ ମୃତ୍ୟୁ ଘଟିଥିଲା। ଏଥିଯୋଗୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କିନ୍ତୁ ସେତେବେଳକୁ ଦିବାକରଙ୍କ କରୋନା ରିପୋର୍ଟ ଆସି ନ ଥାଏ। ଏଥିପାଇଁ ତାଙ୍କ ପାଖକୁ କେହି ଭୟରେ ଆସୁ ନ ଥିଲେ । ଏମିତି ପରିସ୍ଥିତିରେ ତାଙ୍କ ମୃତଦେହକୁ ସଂସ୍କାର କରିବା ନିମନ୍ତେ →




ଦିବ୍ୟଜ୍ୟୋତି ପରିଡ଼ା


ରାଜେନ୍ଦ୍ର ମିଞ୍ଜି


ବାତୁଲା ଗଙ୍ଗାଧର


ମାନସ ରଞ୍ଜନ ବାରିକ


ରବୀନ୍ଦ୍ର କୁମାର ମୁଣ୍ଡାରୀ


ଶକ୍ତି ମହାପାତ୍ର


ପିଣ୍ଟୁ ବେହେରା


ଜୀନା ପଣ୍ଡା

ଗ୍ରାମବାସୀ ବାରଣ କରିଥିଲେ। ଏହି ଘଟଣା ସମ୍ପର୍କରେ ଶକ୍ତି ପ୍ରସାଦ ମହାପାତ୍ର କୁହନ୍ତି, 'ରାତି ପ୍ରାୟ ୯ଟା ହେବ, ମୋ ପାଖକୁ ଏଇ ଖବର ଆସିଥିଲା। ଜଣେ ଖବରଦାତାଭାବେ ସାମାଜିକ ଦାୟିତ୍ୱବୋଧକୁ ବୁଝି ଖବର ସଂଗ୍ରହ ସହ ସେବାରେ ଆଗଭର ହୋଇଥିଲି। ପରେ ପୋଲିସ ପ୍ରଶାସନ ବି ପହଞ୍ଚିଲେ। ଦୀର୍ଘ ୩ଘଣ୍ଟାର ବିଚାର ବିମର୍ଷ ଓ ମୃତକଙ୍କ ବନ୍ଧୁବାନ୍ଧବଙ୍କୁ ଯୋଗାଯୋଗ କରିବା ପରେ ବି କେହି ଆସି ନ ଥିଲେ। ସେତେବେଳକୁ ରାତି ୧୨ଟା ହେଲାଣି। ପ୍ରାୟ ୭ଘଣ୍ଟାଧରି ମୃତଦେହଟି ସେମିତି ପଡିରହିଥାଏ । ବେଳକୁ ବେଳ ବୃଦ୍ଧା ମା'ଙ୍କର ପରିସ୍ଥିତି ଦେଖି ଏସଡିପିଓ ମାନସ ରଞ୍ଜନ ବାରିକ, ଜିଲା ପ୍ରଶାସନକୁ ଯୋଗାଯୋଗ କରିଥିଲେ । ଏହାପରେ ଚିଲିକା ନାଭାଲ ଛକସ୍ଥିତ ଆଖୁ ପୋଖରୀ ଶ୍ମଶାନରେ ଯୁବକଙ୍କ ମୃତଦେହକୁ ସଂସ୍କାର ନିମନ୍ତେ ନିଷ୍ପତ୍ତି ହୋଇଥିଲା। ବାଲୁଗାଁ ଏସଡିପିଓ ମାନସ ରଞ୍ଜନ ବାରିକ, ସାମାଜିକକର୍ମୀ ଜୀନା ପଣ୍ଡା ଓ ଡାକ୍ତରଖାନାର ଜଣେ ଅସ୍ଥାୟୀ କର୍ମଚାରୀ ପିଣ୍ଟୁ ଓ ମୁଁ କାନ୍ଧଦେଇ ଯୁବକଙ୍କ ମୃତଦେହକୁ ସତ୍କାର ପାଇଁ ଆଣିଥିଲୁ। ପୂର୍ବରୁ ଚିଲିକା ତହସିଲଦାରଙ୍କ ଦ୍ୱାରା ସ୍ଥିରୀକୃତ ହୋଇଥିବା ଆଖୁପୋଖରୀ ଶ୍ମଶାନଠାରେ ହିନ୍ଦୁ ଧର୍ମର ରୀତିନୀତିରେ ମୃତଦେହକୁ ଦାହ କରାଯାଇଥିଲା ।'

**ସେବାକରି ଖୁସୀ ହୁଏ:** ଏକ ସଡ଼କ ଦୁର୍ଘଟଣାରେ ବାଲେଶ୍ୱର ଜିଲାର ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିଲା। ତାର ଥିଲେ ଜଣେ ଅନ୍ଧ ପୁଅ। ବାପାଙ୍କ ମୃତ୍ୟୁ ପରେ ପରିବାର ଚଳିବାରେ ଘୋର ଅସୁବିଧା ଦେଖାଦେଲା। ଏମିତି ଖବରକୁ ସମାଜସେବୀ ସୁଶାନ୍ତ ସାହୁଙ୍କ ଠାରୁ ଜାଣିବାକୁ ପାଇଥିଲେ ଜଣେ ଉଦାରମନା ମହିଳା। ସେ ହେଲେ ଇତିଶ୍ରୀ ସିଂ ରାଠୋର। ଏପରି ପରିସ୍ଥିତିରେ ସେ ସହାୟତାର ହାତ ବଢ଼ାଇଥିଲେ। ଆଉ ସେହି ଅନ୍ଧପୁଅକୁ ନିଜର ପୋଷ୍ୟସନ୍ତାନଭାବେ ଗ୍ରହଣ କଲେ। ତାଙ୍କ ପାଠପଢ଼ାରେ ସମସ୍ତ ସାହାଯ୍ୟ ସହଯୋଗ କରୁଛନ୍ତି । ସେହି ଅନ୍ଧ ପିଲା ଜଣକ ଏବେ ଜର୍ନାଲିଜମ୍‌ରେ ମାଷ୍ଟରଡିଗ୍ରୀ ହାସଲ କରିସାରିଲେଣି। ଇତିଶ୍ରୀ ସିଂ ରାଠୋର କୁହନ୍ତି, ଆମ ଘର ସୁନ୍ଦରଗଡ଼ ଜିଲାରେ। ପିଲାଦିନେ ଆମଘରେ ପରିବାର ଲୋକ ଏକାଠି ଖାଉଥିଲୁ। ଥରେ ମୋ ପାଇଁ ଖାଦ୍ୟ ବଢ଼ାସରିଥାଏ। ଦୁଆରମୁହଁରେ ଜଣେ ଭିକାରି ପିଲାର ଡାକ ଶୁଭିଲା, କିଛି ଖାଇବାକୁ ମିଳୁ। ଏମିତି ଡାକ ଶୁଣି ଖାଇବା ସ୍ଥାନରୁ ଉଠିପଡ଼ିଥିଲି। ଆଉ କିଛି ନ ଖାଇ ମୋ ପାଇଁ ବଢ଼ା ଯାଇଥିବା ଖାଦ୍ୟକୁ ଆଣି ସେଦିନ ସେହି ପିଲାକୁ ଖାଇବାକୁ ଦେଇ ଦେଇଥିଲି। ସେବେଠାରୁ ମୋ ମନରେ ସେବା ଭାବ ଜାଗ୍ରତ ହୋଇଥିଲା। ଅନେକ ସମୟରେ ଗୋରୁଙ୍କୁ କିଛି ଖାଦ୍ୟ ଖାଇବାକୁ ଦେଇଥାଏ। ସମୟ କ୍ରମେ ଭୁବନେଶ୍ୱର ଆସିଲି। ଏଠାରେ ରହି ଏକ ସଂସ୍ଥାରେ ଚାକିରିଟିଏ କଲି। ଅବସର ସମୟରେ ଭୁବନେଶ୍ୱର ଝାରପଡ଼ା ଜେଲ ପରିସରକୁ ଯାଇ କଏଦୀଙ୍କ ପିଲାମାନଙ୍କୁ ପାଠ ପଢ଼ାଇବା ଆରମ୍ଭ କଲି। ଏମିତି ଅଭ୍ୟାସ ମୋର ଏବେବି ଜାରି ରହିଛି। ଏବେ ଭାରତୀୟ ସୂଚନା ସେବାରେ ଆକାଶବାଣୀର ଏକ ଦାୟିତ୍ୱ ସମ୍ପନ୍ନ ବିଭାଗରେ କାର୍ଯ୍ୟ ସମ୍ପାଦନା କରୁଛି। ତେବେ ବିଭିନ୍ନ ସମୟରେ ଯେବେ ବି ଯୁଆଡ଼େ ଯାଏ ମୋ ସାଧ୍ୟମତେ କେତେକ ଅସହାୟ ଲୋକଙ୍କୁ କିଛି ସାହାଯ୍ୟ କରିବାକୁ ଚେଷ୍ଟା କରିଥାଏ।

**ଏସଡିପିଓଙ୍କ ନିଆରା ସେବା:** ନାଁ ତାଙ୍କର ମାନସ ରଞ୍ଜନ ବାରିକ। ଘର କେଉଁଝର ଜିଲାରେ। ୨୦୧୪ମସିହାରେ ବାଲେଶ୍ୱର ଜିଲାର ଫକୀରମୋହନ ଜୁନିୟର କଲେଜରେ ସେ ଅଧ୍ୟାପକ ଥିଲାବେଳେ ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଛନ୍ତି। ୨୦୧୬ରେ ଓପିଏସ୍ ପାଇ ୨୦୧୭ରେ ମାଥିଲି ଥାନାରେ ଜଣେ ଡ଼ିଏସପି ଇନ୍‌ଚାର୍ଜ ଭାବେ ଯୋଗଦେଇ କ୍ଷେତ୍ରପ୍ରଶିକ୍ଷଣ ନେଇଥିଲେ। କିନ୍ତୁ ଛାତ୍ର ଜୀବନରୁ ତାଙ୍କର ରହିଥିବା ଜନସେବା ଓ ସୃଜନଶୀଳତାକୁ କେବେ ସେ ଭୁଲିନାହାନ୍ତି। ପୋଲିସ ଚାକିରି ସହିତ ବିଭିନ୍ନ ସମୟରେ ସେ ବିପଦରେ ପଡ଼ିଥିବା ଲୋକଙ୍କୁ ଉଧାର କରିଲେ। କେବେ କୋଡ଼ି କୋଦାଳଧରି ନାଳ ଓ ରାସ୍ତା ସଫେଇ କରିବାରେ ଲୋକଙ୍କ ସହିତ ସାମିଲ ହେଇଛନ୍ତି ତ କେଉଁଠି ଅଜଣାଗାଡ଼ିରେ ଲିଫ୍ଟମାଗି ଚୋରଙ୍କୁ ଧରିଛନ୍ତି। କେତେକ ଅସହାୟ ଲୋକଙ୍କୁ ଖାଦ୍ୟ ବାଣ୍ଟି ସେମାନଙ୍କ ଦରଦୀବନ୍ଧୁ ବି ସାଜିଛନ୍ତି। କରୋନା ସମୟରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ସ୍ୱତନ୍ତ୍ର ଭୂମିକା ମଧ୍ୟ ତୁଲାଇଛନ୍ତି। କରୋନାରେ ମୃତକଙ୍କ ଶବକୁ ବୋହିନେବାରେ ଭିନ୍ନ ପରିଚୟ ବି ସୃଷ୍ଟି କରିଛନ୍ତି। ମାଲକାନଗିରିର ଚିତ୍ରକୋଣ୍ଡାରେ ଏସଡିପିଓ ଥିଲାବେଳେ ମାଓପ୍ରବଣ ଅଞ୍ଚଳରେ ଲୋକଙ୍କ ମନରୁ ପୋଲିସ ପ୍ରତି ଥିବା ଭୟକୁ ଦୂରେଇ ବିଶ୍ୱାସ ସୃଷ୍ଟିକରି ସେମାନଙ୍କ ନିକଟତର ହୋଇପାରିଛନ୍ତି। କେତେବେଳେ ଗାନ୍ଧୀଗିରି ତ ପୁଣି କେତେବେଳେ ବଦମାସ୍‌ଙ୍କୁ ସୁଧାରିବାରେ ଦବଙ୍ଗଗିରି ପନ୍ଥାକୁ ସେ ଅବଲମ୍ବନ କରିଥାନ୍ତି। ମାଲକାନଗିରି ଜିଲାର ବିଭିନ୍ନ ପ୍ରାକୃତିକ ପରିବେଶର ଶୋଭାକୁ ନିଜର ଫେସ୍‌ବୁକରେ ପୋଷ୍ଟକରି ସେଠାକାର ପରିବେଶ ପ୍ରତି ଅନେକଙ୍କୁ ଆକୃଷ୍ଟ କରିବାରେ ସଫଳ ହୋଇଛନ୍ତି। ସେ କୁହନ୍ତି, 'ସ୍କୁଲ ଜୀବନରୁ ଜନସେବା ପ୍ରତି ଅଭ୍ୟାସ ରହିଛି। ଏଥିରୁ ମତେ ଆନନ୍ଦ ମିଳିଥାଏ। ରକ୍ତଦାନଠାରୁ ଆରମ୍ଭକରି କେତେକ ଲୋକଙ୍କ ବ୍ୟାଙ୍କ ଓ ରାଶନ କାର୍ଡ ସମସ୍ୟା ସମାଧାନ କରିଥିଲି। ବିଭିନ୍ନ ଉପାଦେୟପୁସ୍ତକ ପଢ଼ି ସ୍କୁଲ ପିଲାଙ୍କ ସହିତ ଖୁସୀ ବାଣ୍ଟିଥାଏ। କିଛି କବିତା ବି ଲେଖେ। ପୋଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ସୁସମ୍ପର୍କକୁ ଅଧିକ ନିକଟତର ପାଇଁ ଉଦ୍ୟମ କରିଥାଏ।





ଇତିଶ୍ରୀ ସିଂ ରାଠୋର

**ଏସ.ଆଇ. ବୋହିଲେ ଶବ**–କନ୍ଧମାଳ ଜିଲା, ବାଲିଗୁଡ଼ା ଥାନାର ସବ୍‌ଇନ୍ସପେକ୍ଟର ଥାଆନ୍ତି ରବୀନ୍ଦ୍ର କୁମାର ମୁଣ୍ଡାରୀ। ୨୦୨୧ମସିହାରେ ପରମପଙ୍ଗା ଗ୍ରାମପଞ୍ଚାୟତରେ ଘଟିଥିବା ଏକ ହତ୍ୟାକାଣ୍ଡ ଘଟଣାର ତଦନ୍ତରେ ସେ ଯାଇଥିଲେ ଘଟଣା ସ୍ଥଳକୁ। ପାଙ୍ଗୁରପାଲ୍ଲୀ ଗାଁ ନିକଟ ଏକ ଘଞ୍ଚ ଜଙ୍ଗଲରେ ଏକ ଶବକୁ ମାଟିତଳୁ ଉଧାରକରି ରବୀନ୍ଦ୍ର କୁମାର ଗ୍ରାମର କେତେଜଣ ଲୋକଙ୍କ ସହିତ ମିଶି ଶବକୁ କାନ୍ଧେଇ ଗାଁକୁ ଆଣିଥିଲେ। ପାଖରେ ସେତେବେଳେ ମାଜିଷ୍ଟ୍ରେଟ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ସେ କୁହନ୍ତି, 'ଏମିତି ପରିସ୍ଥିତିରେ ସେତେବେଳେ ଏହି କାମ କରିବାକୁ ଅନ୍ୟମାନେ ମନାକରିଥିଲେ। ତେଣୁ ସାଧାରଣ ଲୋକଙ୍କ ସହିତ ସାମିଲ ହୋଇ ଏହି କାମକୁ ସମାପ୍ତ କରାଯାଇଥିଲା। ସେତେବେଳେ ଏହି କାମ କରିବାକୁ ମୁଁ କୁଣ୍ଠାବୋଧ କରି ନଥିଲି ବରଂ ସାଧାରଣ ଲୋକଙ୍କ ପ୍ରତି ସେବା ମନୋଭାବ ବଢ଼ିଥିଲା।'

ସତରେ ସମାଜରେ ଏମିତି ଅନେକବ୍ୟକ୍ତି ଅଛନ୍ତି, ଯେଉଁମାନଙ୍କ ସକାରାତ୍ମକ କାର୍ଯ୍ୟ ସୁସ୍ଥ ସମାଜ ଗଠନରେ ସହାୟକ ହୋଇଥାଏ।

–ବନବିହାରୀ ବେହେରା,
ବାବୁଲା ପ୍ରଧାନ, ଶୁଭାଶିଷ ପାଢ଼ୀ









# ଟ୍ରାଇ କଲର୍ ଲୁକ୍

**ସାଧାରଣତନ୍ତ୍ର ଦିବସ ଅବସରରେ ଟିକେ ଡିଫରେଣ୍ଟ ଦେଖାଯିବା ପାଇଁ ପ୍ରାୟ ସମସ୍ତଙ୍କର ଇଚ୍ଛା ଥାଏ। ଖାସ୍ କରି ଟ୍ରାଇ କଲର୍ ଲୁକ୍‌ରେ ଫ୍ୟାଶନେବଲ୍ ଲାଗିବାକୁ କିଏ କେତେ ପ୍ରକାରର ପ୍ରୟାସ କରିଥାନ୍ତି। ତେଣୁ ଏହି କଥାକୁ ଧ୍ୟାନରେ ରଖି ଏଠାରେ ସେମିତି କିଛି ଫ୍ୟାଶନ ଟିପ୍ସ ସମ୍ପର୍କରେ ଉଲ୍ଲେଖ କରାଗଲା, ଯାହାକୁ ଉପଯୋଗ କରି ଅତି ସହଜରେ ଟ୍ରାଇ କଲର୍ ଲୁକ୍ ପାଇହେବ...**





**ଟ୍ରାଇ କଲର୍ ଆଉଟ୍‌ଫିଟ୍:** ଏବେ ଟ୍ରାଇକଲର୍ ଥିମ୍‌ବାଲା ଭିନ୍ନ ଭିନ୍ନ ଫ୍ୟାବ୍ରିକ୍‌ର ଶାଢି ମାର୍କେଟ୍‌ରେ ମିଳିଲାଣି। ଯୁବତୀମାନେ ଚାହିଁଲେ ନିଜ ପସନ୍ଦ ମୁତାବକ ଯେ କୌଣସି ଫ୍ୟାବ୍ରିକ୍‌ର ଟ୍ରାଇ କଲର୍ ଶାଢି ପିନ୍ଧି ଏହିଦିନ ଦେଶୀ ଲୁକ୍ ପାଇପାରିବେ। ନଚେତ୍ ଧଳା ରଙ୍ଗର ଶାଢି ସହ ସବୁଜ କିମ୍ବା ନାରଙ୍ଗୀ ରଙ୍ଗର ବ୍ଲାଉଜ୍‌କୁ ମ୍ୟାଚିଂ କରି ଏହି ଅବସରରେ ପିନ୍ଧିପାରିବେ। ସେହିପରି ଧଳା ରଙ୍ଗର ସାଲୱାର୍ ପିନ୍ଧି ଯୁବତୀମାନେ ତା'ଉପରେ ଟ୍ରାଇ କଲର୍ ଥିମ୍ ବାଲା ଚୁନି ପକାଇ ବି ଆରାମରେ ଟ୍ରାଇ କଲର୍ ଲୁକ୍ ପାଇପାରିବେ। ଏପରିକି କେବଳ ସବୁଜ କିମ୍ବା ନାରଙ୍ଗୀ ରଙ୍ଗର ଚୁନି ପକାଇ ମଧ୍ୟ ଆଟ୍ରାକ୍ଟିଭ୍ ଦେଶୀ ଲୁକ୍ ପାଇପାରିବେ।

**ଟ୍ରାଇ କଲର୍ ଆସେସରିଜ୍:** ଶାଢି ହେଉ ଅବା ସାଲୱାର ଶୁଟ୍ ଯୁବତୀମାନେ ଯାହାବି ପିନ୍ଧନ୍ତୁ, ଯଦି ତା'ସହିତ ମ୍ୟାଚିଂ ଚୁଡ଼ି, ଇୟର ରିଂ, ବିନ୍ଦି, ହ୍ୟାଣ୍ଡବ୍ୟାଗ୍‌କୁ ସେମାନେ ଟ୍ରାଏ କରିଥାନ୍ତି, ତା'ହେଲେ ଲୁକ୍ ଖୁବ୍ ଗର୍ଜିୟସ୍ ଲାଗିଥାଏ। ବିଶେଷକରି ସାଧାରଣତନ୍ତ୍ର ଦିବସ ଭଳି ଖାସ୍ ଦିନରେ ଯଦି ଟ୍ରାଇ କଲର୍ ଥିମ୍ ବାଲା ଫ୍ୟାଶନ ଆସେସରିଜ୍‌କୁ ଆଉଟ୍‌ଫିଟ୍ ସହ ମ୍ୟାଚିଂ କରି ପିନ୍ଧାଯାଏ, ତେବେ ଯୁବତୀମାନେ ଦେଶୀ ଲୁକ୍‌ରେ ବି ବେଶ୍ ଆକର୍ଷଣୀୟ ଲାଗିଥାନ୍ତି। ଯେମିତିକି : *ଟ୍ରାଇ କଲର୍ ଇୟର୍ ରିଂ– ଏହାର ମଧ୍ୟ ଅନେକ ଭେରାଇଟି ରହିଛି। ଯଥା: ଟ୍ରାଇ କଲର୍ ପମ୍ ପମ୍ ଇୟର ରିଂ, ଟ୍ରାଇ କଲର୍ ଟାସେଲ୍ ଇୟର ରିଂ, ଟ୍ରାଇ କଲର୍ ଝୁମ୍‌କା, ଟ୍ରାଇ କଲର୍ ଷ୍ଟଡ୍ ଇୟର ରିଂ, ଟ୍ରାଇ କଲର୍ ଲିଫ୍ ଇୟର ରିଂ, ଟ୍ରାଇ କଲର୍ ବିଡ୍ସ ଇୟର୍ ରିଂ ଇତ୍ୟାଦି ଅନ୍ୟତମ । * ଟ୍ରାଇ କଲର୍ ଚୁଡ଼ି– ଏହା ବି ବିଭିନ୍ନ ଷ୍ଟାଇଲ୍‌ରେ ମିଳିଥାଏ। ଯଥା: ଟ୍ରାଇ କଲର୍ ପାଣି ଚୁଡ଼ି, ଟ୍ରାଇ କଲର୍ ମେଟାଲ୍ ଚୁଡ଼ି, ଟ୍ରାଇ କଲର୍ ଷ୍ଟୋନ ଲାଗିଥିବା କିମ୍ବା ସୂତା କାମ ହୋଇଥିବା ଷ୍ଟାଇଲିଶ୍ ଚୁଡ଼ି ପିନ୍ଧି ବି ଏହି ଦିନ ଯୁବତୀମାନେ ଟ୍ରେଣ୍ଡି ଲାଗିପାରିବେ।

**ଟ୍ରାଇ କଲର୍ ନେଲ୍‌ଆର୍ଟ:** ଆଜିକାଲି ଦେଖିବାକୁ ମିଳୁଛି ଯୁବତୀମାନେ କେତେ ଭିନ୍ନ ଭିନ୍ନ ଷ୍ଟାଇଲ୍‌ରେ ନେଲ୍‌ଆର୍ଟ କରି ନିଜକୁ ଆକର୍ଷଣୀୟ ଲୁକ୍ ଦେଇପାରୁଛନ୍ତି। ଏପରିକି ସାଧାରଣତନ୍ତ୍ର ଦିବସକୁ ଲକ୍ଷ୍ୟ କରି ମଧ୍ୟ ଯୁବତୀମାନେ ଟ୍ରାଇ କଲର୍ ନେଲ୍‌ଆର୍ଟ ବି କରୁଛନ୍ତି। ଖାସ୍ କରି ଷ୍ଟ୍ରାଇପ୍, ଭର୍ଟିକାଲ୍, ହରାଇଜଣ୍ଟାଲ୍, ଫ୍ଲୋରାଲ୍, ଡଟେଡ୍, ନେଚର୍ ଥିମ୍‌ବାଲା ଟ୍ରାଇ କଲର୍ ନେଲ୍‌ଆର୍ଟ ଏହିଦିନ ଯୁବତୀଙ୍କୁ ଭିନ୍ନ ଲୁକ୍ ଦେଇଥାଏ।

**ମେକ୍‌ଅପ୍‌ରେ ବି ଝଲସିବ ଟ୍ରାଇ କଲର୍ ଲୁକ୍:** କୁହାଯାଏ, ମେକ୍‌ଅପ୍‌ରେ ବି ଲୁକ୍‌କୁ ଆକର୍ଷଣୀୟ କରିହୁଏ। ତେବେ ସାଧାରଣତନ୍ତ୍ର ଦିବସ ଅବସରରେ ଟ୍ରାଇ କଲର୍ ଲୁକ୍ ପାଇବାକୁ ତଥା ଫ୍ୟାଶନେବଲ୍ ଦେଖାଯିବାକୁ ଯୁବତୀମାନେ ଚାହିଁଲେ ଜାତୀୟ ପତାକାର ରଙ୍ଗକୁ ମ୍ୟାଚ୍ କଲା ଭଳି ଆଖିରେ ଟ୍ରାଇ କଲର୍‌ର ଆଇଶାଡୋ ଲଗାଇ ବି ଟିକେ ଭିନ୍ନ ଲୁକ୍ ପାଇପାରିବେ।





# ସମାଜସେବାରେ ସମର୍ପିତା ପଦ୍ମଶ୍ରୀ ଶାନ୍ତି ଦେବୀ



**ସେ**ବା ଓ ମମତାର ପ୍ରତିମୂର୍ତ୍ତି ଭୂଦାନ ଆନ୍ଦୋଳନର ଅନ୍ୟତମ ପୁରୋଧା ଆଦିବାସୀ ଝିଅମାନଙ୍କ ଶିକ୍ଷା ଓ ପ୍ରଗତି କ୍ଷେତ୍ରରେ ସାଧନା ଜାରି ରଖିଥିବା ପଦ୍ମଶ୍ରୀ ଶାନ୍ତି ଦେବୀ। ୮୮ ବର୍ଷ ବୟସରେ ୨୦୨୨ମସିହା ଜାନୁୟାରୀ ୧୬ରେ ସେ ଇହଲୀଳା ସମ୍ବରଣ କରିଛନ୍ତି। ଅନାଥ ଅସହାୟ ଆଦିବାସୀ ଶିଶୁମାନଙ୍କୁ ମୁଖ୍ୟସ୍ରୋତକୁ ଆଣିବା ପାଇଁ ଅବିଭକ୍ତ କୋରାପୁଟ ଜିଲାରେ ଦୀର୍ଘ ସାତ ଦଶନ୍ଧି ଧରି ତାଙ୍କର ନିରନ୍ତର ପ୍ରୟାସ ଜାରି ରଖିଥିଲେ। ସତାଅଶୀ ବର୍ଷ ବୟସରେ ଉପନୀତ ହୋଇ ମଧ ସେ ଗଭୀର ନିଷ୍ଠା ଓ ଆତ୍ମବିଶ୍ୱାସ ସହ ସମାଜ ସେବାରେ ବ୍ରତୀ ହୋଇଥିଲେ। ଯେଉଁଥିପାଇଁ ସେ ୨୦୨୧ରେ ପଦ୍ମଶ୍ରୀ ସମ୍ମାନରେ ଭୂଷିତ ହୋଇଥିଲେ। ବାଲେଶ୍ୱରର ଏକ ସ୍ୱାଧୀନତା ସଂଗ୍ରାମୀ ପରିବାରରେ ଜନ୍ମଗ୍ରହଣ କରିଥିବା ଶାନ୍ତି ଦେବୀ ୧୭ ବର୍ଷ ବୟସରେ ୧୯୫୧ ମସିହାରେ ପ୍ରଖ୍ୟାତ ସମାଜସେବୀ ସର୍ବୋଦୟ କର୍ମୀ ରତନ ଦାସଙ୍କୁ ବିବାହ କରିଥିଲେ। ସେଇଦିନଠାରୁ ତାଙ୍କ ତ୍ୟାଗପୂତ ଜୀବନର ମୂଳଦୁଆ ପଡ଼ିଥିଲା। ଆଉ ଅବିଭକ୍ତ କୋରାପୁଟ ଜିଲାକୁ ସେବାର କର୍ମଭୂମି ରୂପେ ଚୟନ କରିଥିଲେ। ତତ୍କାଳୀନ ରାୟଗଡ଼ା ସବ୍ ଡିଭିଜନ ଅନ୍ତର୍ଗତ ସଂଖଲପଦରରୁ ଆରମ୍ଭ କରିଥିଲେ ତାଙ୍କ ସେବା ଜୀବନ। ପୁଣ୍ୟାତ୍ମା ଗୋପବନ୍ଧୁ ଚୌଧୁରୀଙ୍କ ପ୍ରେରଣାରେ ଅନୁପ୍ରେରିତ ହୋଇ ଆଦିବାସୀ ବାଳିକାମାନଙ୍କ ପାଇଁ ସେ ପ୍ରତିଷ୍ଠା କରିଥିଲେ ଆବାସିକ ଶିକ୍ଷାଶ୍ରମ। ଏହି ସମୟରେ କୁପୋଷଣର ଶିକାର ଶିଶୁମାନଙ୍କ ସ୍ୱାସ୍ଥ୍ୟ ସେବା, କୁଷ୍ଠରୋଗୀମାନଙ୍କ ସେବା ଯତ୍ନରେ ନିଜକୁ ନିୟୋଜିତ କରିଥିଲେ। ପରେ ଆଚାର୍ଯ୍ୟ ବିନୋବା ଭାବେଙ୍କ ସହ ସାକ୍ଷାତ୍ ତାଙ୍କ ଜୀବନର ଏକ ମାଇଲଖୁଣ୍ଟ। ବିନୋବାଜୀଙ୍କ ଆଦର୍ଶ ଓ ପୂଜନୀୟା ମାଳତୀ ଦେବୀଙ୍କ ପ୍ରେରଣା କ୍ରମେ ସେ ସର୍ବୋଦୟ ଓ ଭୂଦାନ ଆନ୍ଦୋଳନରେ ଝାସ ଦେଇଥିଲେ। ଭୂମିହୀନ ଆଦିବାସୀମାନଙ୍କୁ ଶାନ୍ତିପୂର୍ଣ୍ଣ ଆଲୋଚନା ମାଧ୍ୟମରେ ଭୂମି ଓ ବାସସ୍ଥାନ ଯୋଗାଇବା ଥିଲା ଭୂଦାନ ଆନ୍ଦୋଳନର ମୂଳ ଲକ୍ଷ୍ୟ। ଦୀର୍ଘଦିନ ଖାଲିପାଦରେ ଦୁର୍ଗମ ଅଞ୍ଚଳରେ ଚାଲି ଚାଲି ବିନୋବାଜୀ ଓ ମନମୋହନ ଚୌଧୁରୀଙ୍କ ନେତୃତ୍ୱରେ ପଦଯାତ୍ରାରେ ସାମିଲ ହୋଇଥିଲେ। ୧୯୬୪ ମସିହାରେ ଆଦିବାସୀ ଅଧୁଷିତ ରାୟଗଡ଼ା ଅଞ୍ଚଳରେ 'ସେବା ସମାଜ' ନାମରେ ଏକ ସାମାଜିକ ଅନୁଷ୍ଠାନ ପ୍ରତିଷ୍ଠା କରି ଅନାଥ ଅସହାୟ ଆଦିବାସୀ ଶିଶୁମାନଙ୍କୁ ଶିକ୍ଷା ଦାନ କରିବାସହ, ସେମାନଙ୍କୁ ଗାନ୍ଧୀ ଓ ବିନୋବାଙ୍କ ଆଦର୍ଶରେ ଅନୁପ୍ରାଣିତ କରିବାକୁ ନିରନ୍ତର ପ୍ରୟାସ ଜାରି ରଖିଥିଲେ। ଏହାପରେ ଗୁଣୁପୁରଠାରେ ସେବା ସମାଜ ସ୍ଥାପନ କରି ନିରାଶ୍ରୟା ହରିଜନ ଓ ଆଦିବାସୀ ଝିଅମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମଗ୍ରିକ ବିକାଶ ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ୧୯୮୧ ମସିହାରେ ଜବରଗୁଡାଠାରେ ଏଜୁକେଶନାଲ କମ୍ପ୍ଲେକ୍ସ, ୧୯୯୩ରେ ଲିମାମଡାଠାରେ ଅନାଥ ବାଳିକାମାନଙ୍କ ପାଇଁ ଆବାସ ସ୍ଥଳ ଓ ଶିକ୍ଷାଦାନର ବ୍ୟବସ୍ଥା ସହ ଅନାଥ ଆଦିବାସୀ ଶିଶୁମାନଙ୍କ ଶିକ୍ଷା ବ୍ୟବସ୍ଥା କରିବା ସହ ସେମାନଙ୍କୁ ସ୍ୱାବଲମ୍ବୀ ଓ ସଚେତନ କରାଇଥିଲେ। ଏହା ପରେ ସେ ବିଭିନ୍ନ ସମୟରେ ଅନେକ ସାମାଜିକ ଅନୁଷ୍ଠାନ ସହ ଜଡ଼ିତ ହୋଇ ଦକ୍ଷତାର ସହିତ ନିଜର ସେବାମୂଳକ କାର୍ଯ୍ୟରେ ପାରଦର୍ଶିତା ଦେଖାଇ ପାରିଥିଲେ। ୧୯୬୧ ମସିହାରେ ଉତ୍କଳ ନବଜୀବନ ମଣ୍ଡଳର ସମ୍ପାଦିକା ଓ ଉତ୍କଳ ସର୍ବୋଦୟ ମଣ୍ଡଳର କାର୍ଯ୍ୟନିର୍ବାହୀ ସଦସ୍ୟା, ୧୯୭୦ରେ ଓଡ଼ିଶା ଭୂଦାନ ଯଜ୍ଞ ସମିତିର ସମ୍ପାଦିକା ଓ ଓଡ଼ିଶା ରାଜ୍ୟ ସମାଜ ମଙ୍ଗଳ ବୋର୍ଡର ସଦସ୍ୟା, ୧୯୭୫ରେ ଓଡ଼ିଶା ପ୍ରୋହିବିସନ କଂଗ୍ରେସର ସଭାପତି ଆସନରେ ଅସୀନ ହୋଇଥିଲେ। ୧୯୯୦ରେ କୋରାପୁଟ, ରାୟଗଡ଼ା ଓ ଗଜପତି ଜିଲାର ଜୁଭେନାଇଲ୍ କୋର୍ଟର ଅନ୍ଧାରୀ ଜଜ୍ ଭାବରେ ଅନେକ ଜଟିଳ ବାଳ ଅପରାଧର ସହଜ ସମାଧାନ କରିବାରେ ସମର୍ଥ ହୋଇପାରିଥିଲେ। ଏତଦବ୍ୟତୀତ ଅବିଭକ୍ତ କୋରାପୁଟ ଜିଲାର ଜନଜାତି ବିଶେଷ କରି ଡଙ୍ଗରିଆ କନ୍ଧମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକ ସଂସ୍କାର ପାଇଁ ଶାନ୍ତି ଦେବୀଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ। ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ, ନୂଆପଡ଼ା, ବରଗଡ଼ ଆଦି ମାଓପ୍ରବଣ ଜିଲାଗୁଡ଼ିକରେ ୨୦୧୩ ମସିହାରେ ଶାନ୍ତି ଓ ଅହିଂସା ଯାତ୍ରା ମାଧ୍ୟମରେ ମାଓବାଦୀ ସଂଗଠନ ଓ ସରକାରଙ୍କ ମଧ୍ୟରେ ମଧ୍ୟସ୍ଥତା କରି ସରକାରଙ୍କ ଯୋଜନାଗୁଡ଼ିକର ସୁଫଳ ଆଦିବାସୀମାନଙ୍କ ପାଖରେ ସହଜରେ ପହଞ୍ଚାଇବାକୁ ସେ ପ୍ରୟାସ କରିଥିଲେ। ନିଜର ସେବାମୂଳକ କାର୍ଯ୍ୟ ପାଇଁ ଶାନ୍ତି ଦେବୀ ଅନେକ ପୁରସ୍କାରରେ ସମ୍ମାନିତ। ସେଥିମଧ୍ୟରୁ ଜାତୀୟ ଶିଶୁ ମଙ୍ଗଳ ପୁରସ୍କାର, ଯମୁନା ଲାଲ୍ ବଜାଜ ପୁରସ୍କାର, ଶାରଳା ସମ୍ମାନ ଓ ସଂହତି ସମାଜ ସେବୀ ସମ୍ମାନ, ସର୍ବୋଦୟ ସମ୍ମାନ, ୨୦୧୨ରେ ଟାଇମ୍ସ ଅଫ ଇଣ୍ଡିଆ ଲାଇଫ ଟାଇମ ଆଚିଭମେଣ୍ଟ ଆୱାର୍ଡ ଓ ନବମାତୃକା ପୁରସ୍କାର, ୨୦୧୩ରେ ଓମେନ ପିସ୍ ମେକରୀ ଆୱାର୍ଡ, ରାଜ୍ୟ ମାନବାଧିକାର ଆୱାର୍ଡ, ଆର୍ଯ୍ୟ ଭଟ୍ଟ ଅନୁଷ୍ଠାନ ତରଫରୁ ଏବଂ ରାଧାନାଥ ରଥ ଫାଉଣ୍ଡେଶନ ଟ୍ରଷ୍ଟ ତରଫରୁ ରାଧାନାଥ ସେବା ସମ୍ମାନରେ ସମ୍ମାନିତ ହୋଇଥିଲେ। ସମାଜସେବା ବ୍ୟତୀତ ସାହିତ୍ୟ କ୍ଷେତ୍ରରେ ମଧ୍ୟ ତାଙ୍କର ରୁଚି ରହିଥିଲା। ବିନୋବାଜୀଙ୍କ ଜୀବନୀ ଆଧାରିତ ଅନୁବାଦ ପୁସ୍ତକ 'ଅହିଂସା ଅନ୍ୱେଷଣ' ବିନୋବାଜୀଙ୍କ ରଚନାର ଓଡ଼ିଆ ଅନୁବାଦ 'ଦିବ୍ୟ ସାନ୍ନିଧ' ଏବଂ ତାଙ୍କ ରଚିତ 'ପାବନ ପୁରୁଷ ଶ୍ରୀ ରାମକୃଷ୍ଣ' ଏବଂ ନବାକ୍ଷରୀ ଛନ୍ଦରେ ଶ୍ରୀ ରାମଚରିତ ମାନସର ଓଡ଼ିଆ ଅନୁବାଦ ତାଙ୍କର ଅନ୍ୟତମ ଅନବଦ୍ୟ କୃତି। ସମାଜସେବା କ୍ଷେତ୍ରରେ ସେ ଯେଉଁ ପାଦ ଚିହ୍ନ ଛାଡ଼ି ଯାଇଛନ୍ତି ତାହା ତାଙ୍କୁ ସବୁଦିନ ପାଇଁ ଅମର କରି ରଖିଥିବ।







-ଅଶୋଚ୍ୟା ସିଦ୍ଧତପା
ସାମ୍ବାଦିକତା ଓ
ଜନସଂଚାର ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର



# କଣ୍ଢେଇ ନାଚ

–ସତ୍ୟନାରାୟଣ ଗନ୍ତାୟତ

**କା**ଚ କଣ୍ଢେଇଟେ ପରି
ଦିଶେ କୁନିଝିଅ
କଣ୍ଢେଇ ତା ନଚାଉ ଥାଏ
ରିମୋଟରେ ॥
ସେଇ କୁନିଝିଅ
ନିଜେ ବେଶ୍ ଭଲ ନାଚେ
ଆମେ ତାକୁ ଟିକେ ନାକୁ
ଫୁସୁଲାଇ ଦେଲେ ॥
ଠିକ୍ ଯେମିତି ଆମେ ବି ନାଚୁ
ନାଚି ଚାଲିଥାଉ
ଅବିକଳ କଣ୍ଢେଇଟେ ପରି
କାହାରି ନା କାହାରି ଇସାରାରେ
କେବେ ଗୋଚରରେ ତ'
ବହୁବେଳେ
ଆମ ଅଗୋଚରରେ !!



–'ସୁହାସିତମ୍', କସ୍ତୁରୀ ନଗର,
ରାୟଗଡା: ୭୬୫୦୦୧
ମୋ: ୯୪୩୭୯୦୯୬୭୫

# ମିଃ. ଲକି

– ଅଲେଖ ଚନ୍ଦ୍ର ମିଶ୍ର

**ମିଃ.** ଲକି । ଏଇ ନାମରେ ହିଁ ତାଙ୍କର ବନ୍ଧୁମାନେ ତାଙ୍କୁ ସମ୍ବୋଧନ କରନ୍ତି । ତାଙ୍କ ସହିତ ସକାଳେ ପ୍ରାତଃ ଭ୍ରମଣ ବେଳେ ଥରେ ମାତ୍ର ଦେଖାହୁଏ । ପାର୍କର ବୁଲାଣିଆ ରାସ୍ତାରେ ଚାଲିସାରି ସମସ୍ତେ ଯେତେବେଳେ ସିମେଣ୍ଟ ବେଞ୍ଚ୍ ଉପରେ ବସି ପଡି ଥକା ମାରନ୍ତି ସେଇଠି ଆରମ୍ଭ ହୁଏ ମିଃ. ଲକିଙ୍କର ନାନା ପ୍ରକାରର ବାକ୍ ଚାତୁରୀ ଆଉ ଶେଷ ହୁଏ ତାଙ୍କ ପରିବାରର ନିତିଦିନିଆ କଥାରେ । ତାଙ୍କର ତିନିପୁଅ, ତିନିବୋହୂ, ନାତିନାତୁଣୀ, ସମସ୍ତେ କେମିତି ତାଙ୍କୁ ମୁଣ୍ଡ ଉପରେ ବସାଇଛନ୍ତି, ତାଙ୍କର ଖାଦ୍ୟପେୟ, ସେବା ଶୁଶ୍ରୂଷା ଓ ଦେଖାଶୁଣା କରିବା ପାଇଁ ସାରା ପରିବାର କିପରି ଲାଗିପଡ଼ିଥାନ୍ତି, ପ୍ରତିଦିନ ଅତିକମ୍‌ରେ ଆଠ ଦଶଟି ବ୍ୟଞ୍ଜନ ନହେଲେ ସେ ଠାଆରେ ବସନ୍ତିନି, ନିମିଷକ ପାଇଁ ବି ତାଙ୍କୁ ପାଖରୁ ଛାଡନ୍ତିନି, ଖାଲି ଏ ପ୍ରାତଃ ଭ୍ରମଣ ପାଇଁ ଯାହା...। ଏହିଭଳି ସାଧାରଣ କଥାକୁ ଆକାଶରୁ ତୋଳି ଆଣିଲା ଭଳି ଏମିତି ଢଙ୍ଗରେ ବନେଇ ଚୁନେଇ କୁହନ୍ତି ଯେ ସେମାନଙ୍କର ପ୍ରାତଃ ଭ୍ରମଣ ଜନିତ କ୍ଲାନ୍ତି ଜଣା ପଡେନା । କଥାରେ ସତ୍ୟତା ଥାଉ ନଥାଉ ତାଙ୍କର ଗପିବାର ଆଗ୍ରହ ଓ ବଖାଣିବାର ଶୈଳୀକୁ ସେମାନେ ଭରପୂର ଉପଭୋଗ କରନ୍ତି । ବେଳେବେଳେ ନିଜ ନିଜର ପାରିବାରିକ ଅବ୍ୟବସ୍ଥା ସହିତ ତୁଳନା କରି କହିପକାନ୍ତି, ଆଃ ଆଜିକାଲି ବି ଏମିତି ପରିବାର ଅଛି ! ସତରେ କେତେ ଭାଗ୍ୟବାନ ଆପଣ ! ଏଇଠୁଁ ହିଁ ସୂତ୍ରପାତ ହୁଏ 'ଲକି' ନାମଟିର ।

ସେଇ ଲକି ଯେତେବେଳେ ହଠାତ୍ ତିନିଦିନ ଧରି ଅନୁପସ୍ଥିତ ରହିଲେ ଚତୁର୍ଥ ଦିନ ବନ୍ଧୁମାନେ ବ୍ୟସ୍ତବିବ୍ରତ ହୋଇ ପଡିଲେ । ପ୍ରାତଃ ଭ୍ରମଣଟା କେମିତି ଖାଁ ଖାଁ ଲଗିଲା । କଣ ତାଙ୍କର ହେଲା ? କିଛି ଅଘଟଣ ଘଟିଲାନି ତ ? ଆଶଙ୍କାରୁ ସଂକଳ୍ପ । ଆଜି ଯେମିତି ହେଲେ ତାଙ୍କୁ ଦେଖା କରିବାକୁ ପଡିବ। ହେଲେ କେମିତି ତାଙ୍କୁ ପାଇବେ ? ସେ କେଉଁଠି ରହନ୍ତି ଜଣା ନାହିଁ । ତାଙ୍କ ନାଆଁ ବି ଜଣା ନାହିଁ । ହଠାତ ଜଣେ ବନ୍ଧୁଙ୍କର ମନେ ପଡିଲା କିଛିଦିନ ତଳେ ସେ ତାଙ୍କୁ ଏକ ଗଳି ପାଖରେ ଦେଖିଥିଲେ । ତାଙ୍କ ସହିତ ସମସ୍ତେ ସେଇଠିକି ଗଲେ । ସମ୍ପୃକ୍ତ ଅଞ୍ଚଳରେ ଅନେକ ଅନୁସନ୍ଧାନ କଲେ ବି କିଛି ସୂଚନା ନମିଳିବାରୁ ଫେରି ଆସୁଥିଲା ବେଳେ ରାସ୍ତାକଡରେ ଥିବା ପାନଦୋକାନୀଟିଏ ପଚାରିଲା, 'ଆପଣମାନେ କାହାକୁ ଖୋଜୁଛନ୍ତି କି ? ଏଇ ଗଳିରେ ଥିବା ଜରା ନିବାସରେ ଟିକେ ପଚାରୁ ନାହାନ୍ତି, ସେଠିକି ଅନେକ ଲୋକ ଯିବା ଆସିବା କରନ୍ତି ତ ।'

ସେମାନେ ଜରା ନିବାସକୁ ଗଲେ । ପରିଚାଳକଙ୍କ ସହିତ କଥାବାର୍ତ୍ତା ହେଲାରୁ ସେ କହିଲେ, 'ହଁ ଆଜ୍ଞା, ସେହିଭଳି ଜଣେ ବୃଦ୍ଧ କିଛି ବର୍ଷ ହେଲା ଏଠାରେ ରହୁଥିଲେ ଚାରି ଦିନ ତଳେ ତାଙ୍କର ଦେହାନ୍ତ ହୋଇଗଲା । ହେଲେ ମୃତ୍ୟୁ ପୂର୍ବରୁ ଏଇ ଲଫାପାଟିଏ ଦେଇ କହିଯାଇଛନ୍ତି, ତାଙ୍କୁ ଯିଏ ଖୋଜିବାକୁ ଆସିବ ତାଙ୍କୁ ଦେଇଦେବାକୁ । ଏ ପର୍ଯ୍ୟନ୍ତ ତ କେହି ଆସିନାହାନ୍ତି । ଆପଣ ଏଇଟିକୁ ନେଇ ପାରନ୍ତି' ।

ମୁଦା ଲଫାପାଟିକୁ ଖୋଲି ସେଥିରେ ଥିବା ଫଟୋଟିକୁ ଦେଖି ଚମକି ପଡ଼ିଲେ ବନ୍ଧୁମାନେ । 'ଆରେ ଏଇତ ଆମ ଲକି । ତା ସହିତ ଥିବା ଚିଠିକୁ ପଢିଲେ । ଲେଖାଥିଲା ;

'ପ୍ରିୟ ବନ୍ଧୁଗଣ ! ମୋର ଅନୁମାନ ଯଦି ସତ୍ୟହୁଏ ଆପଣମାନେ ଦିନେନା ଦିନେ ଏଠିକି ଆସିବେ । ଆଉ କେହି ଆସିବେନି । ମୋର ସମସ୍ତେ ଥାଇ ବି ନାହାନ୍ତି । କାରଣ ସେଇମାନେ ହିଁ ମୋତେ ଆଣି ଏଠି ଛାଡିଦେଇଛନ୍ତି ।..ଶେଷକଥା ପଦେ କହିଯାଉଛି । ଦୁଃଖରେ ଭାଙ୍ଗି ପଡ଼ିଲେ ତାର ମାତ୍ରା ବଢିଯାଏ । ତେଣୁ ସବୁ ଦୁଃଖ ଭିତରେ ଟିକେ ସୁଖର ପ୍ରାପ୍ତି ପାଇଁ ଆପଣମାନଙ୍କ ଆଗରେ ଯେତେ ଯାହା କହୁଥିଲି ସେ ସବୁ ସମ୍ପୂର୍ଣ୍ଣ ମିଥ୍ୟା ଓ କପୋଳକଳ୍ପିତ । ସେଥିପାଇଁ କ୍ଷମା କରିଦେବେ, ବନ୍ଧୁ !'

ବାଷ୍ପରୁଦ୍ଧ କଣ୍ଠରେ ସମସ୍ତେ ଏକା ବେଳକେ କହି ଉଠିଲେ, 'ହାୟ ବନ୍ଧୁ, ଏତେ ଦୁଃଖରେ ଥାଇ ବି ଆମକୁ ହସାଉଥିଲ । ତୁମର ଦେହଟା ସିନା ହତଭାଗା ଥିଲା ; ମନଟା କିନ୍ତୁ ପ୍ରକୃତରେ ଥିଲା ଭାଗ୍ୟବାନ୍, 'ଲକି' !!'

–ସାରଦାଶ୍ରୀ, ୯୦୪, ଶାସ୍ତ୍ରୀନଗର,
ୟୁନିଟ–୪, ଭୁବନେଶ୍ୱର,
ମୋ: ୬୩୭୨୮୧୦୨୧୧





# କବିତା ଲେଖାରେ ମନ



ରକୁଲ୍

ରକୁଲ ପ୍ରୀତ ସିଂଙ୍କ ମୁଣ୍ଡକୁ ଏକ ନୂଆ ଆଇଡିଆ ଜୁଟିଛି। ଏବେ ଗୋଟିଏ କଥାରେ ସେ ମନୋନିବେଶ କରିଛନ୍ତି। ତାହା କ'ଣ ଜାଣନ୍ତି? କବିତା ଲେଖିବା। ହେଲେ ଲେଖାଲେଖି ପ୍ରତି ସେ ଆଗ୍ରହ ପ୍ରକାଶ କଲେ କାହିଁକି ? ଏହା ପଛରେ ଜଣଙ୍କର ପ୍ରେରଣା ରହିଛି। ସେ ହେଲେ ତାଙ୍କର ବୟଫ୍ରେଣ୍ଡ ତଥା ପ୍ରଯୋଜକ-କମ୍-ଅଭିନେତା ଜ୍ୟାକି ଭଗନାନି। ଦୁହିଁଙ୍କ ଭିତରେ ଚାଲିଥିବା ପ୍ରେମକୁ ନିକଟରେ ଜ୍ୟାକି ସ୍ୱିକାର କରିଛନ୍ତି। ଏହି ଖୁସିରେ ରକୁଲ୍ ଦୁଇ ଧାଡି କବିତା ଲେଖିଥିଲେ। ତାହାକୁ ପଢ଼ି ଜ୍ୟାକି ଖୁସି ହେବା ସହ ତାଙ୍କର ଏଭଳି ପ୍ରତିଭାକୁ ପ୍ରଶଂସା କରିଥିଲେ। ଆଉ ତା'ପରେ ରକୁଲ୍‌ଙ୍କୁ ଏବେ ସମୟ ମିଳିଲେ କବିତା ଲେଖିବାକୁ ବସିପଡୁଛନ୍ତି। ଏ ନେଇ ରକୁଲ୍ କହନ୍ତି, 'ଅବଶ୍ୟ ମୁଁ ପଢ଼ିବା ସମୟରେ ବେଳେବେଳେ କବିତା ଲେଖୁଥିଲି। ଏବେ ତାହାକୁ ପୁଣି ଥରେ ଆରମ୍ଭ କରିଛି। ଏ ନେଇ ଜ୍ୟାକି ମୋତେ ଯେଉଁ ଟିପ୍ସ ଦେଇଛନ୍ତି ତାହାକୁ ମୁଁ ଭୁଲିପାରିବି ନାହିଁ। ଏଥିପାଇଁ ତାଙ୍କୁ ଯେତେ ପ୍ରଶଂସା କରିବି ସେତେ କମ୍ ହେବ।' ବର୍ତ୍ତମାନ ରକୁଲ୍‌ଙ୍କ ହାତରେ ଥିବା ସିନେମାଗୁଡିକ ହେଲା-'ରନୱେ ୩୪' (ଅଜୟ ଦେବଗନ), 'ଡକ୍ଟର ଜୀ' (ଆୟୁଷ୍ମାନ ଖୁରାନା) ଏବଂ 'ଆଟାକ୍' (ଜନ୍ ଆବ୍ରାହମ)। ଏହାବ୍ୟତୀତ 'ଛତ୍ରୀୱାଲି' ଫିଲ୍ମରେ ସେ ସୋଲୋ ନାୟିକା ସାଜୁଛନ୍ତି।

## ପ୍ରଥମେ ନା, ଶେଷରେ ହଁ

ବେଳେବେଳେ କୌଣସି ବିଷୟରେ ଶେଷ ନିଷ୍ପତ୍ତିକୁ କେତେକେ ତରବର ଭାବରେ ନେଇଥାଆନ୍ତି। ହେଲେ ଯେତେବେଳେ ସେମାନେ ପ୍ରକୃତ କଥା ବୁଝି ପାରନ୍ତି ସେତେବେଳେ ପୁଣିଥରେ ନିଜ ନିଷ୍ପତ୍ତିକୁ ପରିବର୍ତ୍ତନ କରିଥାଆନ୍ତି। ଦେଖୁନାହାନ୍ତି, ନିକଟରେ ପାଇଥିବା ଏକ ଅଫରକୁ ସେ କେମିତି ପ୍ରଥମେ ହାତଛଡା କରିଥିଲେ। କିନ୍ତୁ କିଛି ଦିନ ପରେ ପୁଣି ଥରେ ନିଜ ପଟରୁ ପ୍ରଯୋଜନା ସଂସ୍ଥାକୁ ଯୋଗାଯୋଗ କରି ସେହି ଫିଲ୍ମରେ ଅଭିନୟ କରିବାକୁ ନିଜର ସମ୍ମତି ଜଣାଇଥିଲେ। ଏପରି ବିଷୟକୁ ନେଇ ଭୂମି କହନ୍ତି, 'କେତେକ କାରଣରୁ ମୁଁ ଏହି ଫିଲ୍ମରେ ଅଭିନୟ କରିପାରିବି ନାହିଁ ବୋଲି ମନା କରିଦେଇଥିଲି। କିନ୍ତୁ ଏ ନେଇ ପୁଣି ଥରେ ଚିନ୍ତା କରିବାକୁ ପ୍ରଯୋଜକ ମୋତେ କହିଥିଲେ। ତା'ପର ଦୁଇ ଦିନ ମୁଁ ଗଭୀର ଭାବରେ ଏପରି ଅଫର ବିଷୟରେ ଚିନ୍ତା କରି ନିଜ ମତରେ ପରିବର୍ତ୍ତନ କରିଥିଲି। ଯାହାହେଉ ପ୍ରଯୋଜକ ମଧ୍ୟ ମୋ ଶେଷ ନିଷ୍ପତ୍ତିକୁ ଅପେକ୍ଷା କରିଥିଲେ। ଏଥିରେ ମୋତେ ଦର୍ଶକ ଏକ ଭିନ୍ନ ଭୂମିକାରେ ଦେଖିବାକୁ ପାଇବେ।' ଉକ୍ତ ସିନେମାର ଟାଇଟଲ୍ ରହିଛି 'ଦ ଲେଡି କିଲର', ଯେଉଁଥିରେ ଭୂମିଙ୍କ ବ୍ୟତୀତ ଅର୍ଜୁନ କପୁର ମଧ୍ୟ ଅଭିନୟ କରିବେ। ଭୂଷଣ କୁମାର ଏବଂ ଶୈଳେଶ ଆର. ସିଂଙ୍କ ଦ୍ୱାରା ପ୍ରଯୋଜିତ ଏହି ଚିତ୍ରର ନିର୍ଦ୍ଦେଶନା ଦେଉଛନ୍ତି ଅଜୟ ବହଲ।



ଭୂମି

## ଚାଲିଛି ଦିନ ଗଣନା

ତାମିଲ ଫିଲ୍ମର ଅନ୍ୟତମ ଲୋକପ୍ରିୟ ଅଭିନେତା ନାଗା ଚୈତନ୍ୟ। ତାଙ୍କ ଅଭିନୀତ ଚଳଚ୍ଚିତ୍ରଗୁଡିକ ଦର୍ଶକଙ୍କୁ କେତେ ପ୍ରଭାବିତ କରିଛି ତାହା କହିବା କେବଳ ବାହୁଲ୍ୟ ମାତ୍ର। ଏବେ ସେ ଦିନ ଗଣିବା ଆରମ୍ଭ କରିଦେଇଛନ୍ତି। କାରଣ ଖୁବ୍ ଶୀଘ୍ର ସେ ବଲିଉଡ୍ ଫିଲ୍ମ ମାଧ୍ୟମରେ ଦର୍ଶକଙ୍କ ସାମନାକୁ ଆସିବେ। ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମାଟି ହେଲା 'ଲାଲ୍ ସିଂ ଚଢ୍ଢା'। ଏପରି ସୁଯୋଗ ବିଷୟରେ ନାଗା କହନ୍ତି, 'ବଲିଉଡ୍‌ରେ ମୁଁ ପ୍ରଥମ ଥର ପାଇଁ ସୁଯୋଗ ପାଇଛି। ପୁଣି ଏହି ଫିଲ୍ମରେ ଆମୀର ଖାଁ, କରୀନା କପୁରଙ୍କ ପରି ନାମୀ କଳାକାର ଅଛନ୍ତି। ସେମାନଙ୍କ ସହ ଆକ୍ଟିଂ କରିବା ପରେ ମୁଁ ଅନେକ କିଛି ଶିଖିଛି। ବିଶେଷ ଭାବରେ ଆମୀର ହେଉଛନ୍ତି ମୋ ରୋଲ୍ ମଡେଲ୍। ତାଙ୍କ ଅଭିନୀତ ପ୍ରତିଟି ସିନେମାକୁ ମୁଁ ଦେଖିଛି। 'ଲାଲ୍ ସିଂ ଚଢ୍ଢା'ର କାହାଣୀ ବେଶ୍ ଦମଦାର। ଏହାର ଉପସ୍ଥାପନା କୌଣସି ଗୁଣରେ କମ୍ ହୋଇନାହିଁ। ଏଥିରେ ମୋ ଭୂମିକାକୁ ଦର୍ଶକ ଗ୍ରହଣ କରିବେ ବୋଲି ଆଶା ରଖିଛି।' ଏହି କମେଡିଭିତ୍ତିକ ସିନେମାର ନିର୍ଦ୍ଦେଶନା ଦେଇଛନ୍ତି ଅଦ୍ୱୈତ ଚନ୍ଦନ। ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ପ୍ରୀତମ। ଫିଲ୍ମଟି ଚଳିତ ବର୍ଷ ଏପ୍ରିଲ ୧୪ରେ ରିଲିଜ ହେବାର ଯୋଜନା ରହିଛି।



ନାଗା ଚୈତନ୍ୟ

## ଜୟୀ ରାଜଗୁରୁ

ଓଡିଶାର ସ୍ୱାଧୀନତା ସଂଗ୍ରାମୀମାନଙ୍କ ମଧ୍ୟରେ ଜୟୀ ରାଜଗୁରୁଙ୍କୁ କିଏ ବା ନ ଜାଣେ । ବ୍ରିଟିଶ ଶାସନ ବିରୁଦ୍ଧରେ ସେ ସ୍ୱର ଉତ୍ତୋଳନ କରିଥିଲେ। ତାଙ୍କର ରଣ ହୁଙ୍କାରରେ ଉତ୍ସାହିତ ହୋଇ ଅନେକ ଲୋକ ତାଙ୍କ ସହ ହାତ ମିଳାଇଥିଲେ। ତାଙ୍କର ବୀରତ୍ୱ ଓଡ଼ିଶା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ଏପରି ଜଣେ ବୀର ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀକୁ ନେଇ ଜେଏଚବି ଏଣ୍ଟରଟେନମେଣ୍ଟ ବ୍ୟାନରରେ ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ଜୟୀ ରାଜଗୁରୁ'। ଏହାର ପ୍ରଯୋଜନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଜୟସେନ୍। ଲିଟନ ପଟ୍ଟନାୟକ ସହଯୋଗୀ ନିର୍ଦ୍ଦେଶକ ସାଜିଛନ୍ତି। ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି କ୍ରିଷ୍ଣା। ଖାସ୍ କଥା ହେଲା, ଏହି ଐତିହାସିକ ଚିତ୍ରର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ବିଶ୍ୱରୂପ। ଉକ୍ତ ଚଳଚ୍ଚିତ୍ରର ବିଭିନ୍ନ ଭୂମିକାରେ ଅଶ୍ରୁମୋଚନ ମହାନ୍ତି, ମିତା ଚକ୍ରବର୍ତ୍ତୀ, ମୃତ୍ୟୁଲିଙ୍ଗନମ୍, ଭବାନୀ, ଗୌରବ କୁମାର, ଇନ୍ଦ୍ରଜିତ, ଦୀପକ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ।




ବିଶ୍ୱରୂପ

## ସ୍ପେଶାଲ ସଜବାଜ

ନୁସରତ ଭରୁଚା ଏବେ ପ୍ରସ୍ତୁତିରେ ଲାଗିପଡିଛନ୍ତି। ହେଲେ କ'ଣ ପାଇଁ ଜାଣନ୍ତି ? ଏହି ସ୍ପେଶାଲ ସଜବାଜ ଚାଲିଛି ଏକ ନୂଆ ସିନେମା 'ଛୋରି -୨' ପାଇଁ। ଏହି ଫିଲ୍ମରେ ସେ ଜଣେ ଗର୍ଭବତୀ ଭୂମିକାରେ ଅଭିନୟ କରିବେ। ଗୋଟିଏ ମଧ୍ୟବିତ୍ତ ପରିବାର ସହରକୁ ଆସିବା ପରେ କିପରି ବାଧାବିଘ୍ନର ସମ୍ମୁଖୀନ ହେଉଛି ଏବଂ ଜଣେ ଗର୍ଭବତୀ କେମିତି ସାହସର ସହ ସବୁ ମୁକାବିଲା କରି ପରିବାରକୁ ପ୍ରତିପୋଷଣ କରୁଛି ତାହା ଏହି ସିନେମାରେ ଦେଖିବାକୁ ମିଳିବ। ତେଣୁ ଏପରି ଏକ ଭୂମିକାକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଏବେଠାରୁ ଲାଗିପଡିଛନ୍ତି ନୁସରତ। ଗତବର୍ଷ ନଭେମ୍ବରରେ ରିଲିଜ ହୋଇଥିବା 'ଛୋରି'ର ଏହା ହେଉଛି ସିକୁଏଲ୍ ଫିଲ୍ମ। ନିର୍ଦ୍ଦେଶକ ବିଶାଲ ଫୁରିଆ ଫିଲ୍ମଟିର ଉପସ୍ଥାପନା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏଥିରେ ନୁସରତ୍‌ଙ୍କୁ ମିଳିଥିବା ଭୂମିକାଟି ହେଲା 'ସାକ୍ଷୀ'। ଏ ସମ୍ପର୍କରେ ସେ କହନ୍ତି, 'ଏପରି ଭୂମିକାକୁ ତୁଲାଇବା ସହଜ କଥା ନୁହେଁ। ତେଣୁ ଏ ନେଇ ମୋ ମନରେ ଉଙ୍କି ମାରିଥିବା ପ୍ରଶ୍ନଗୁଡିକୁ ସମାଧାନ କରିବା ପାଇଁ ମୁଁ ନିର୍ଦ୍ଦେଶକଙ୍କ ସହ ଆଲୋଚନା କରିଛି। ତା'ସହ ଏଭଳି ରୋଲ୍‌କୁ ତୁଲାଇବା ଲାଗି ସ୍ପେଶାଲ ପ୍ରସ୍ତୁତି ଜାରି ରଖିଛି।' ତେବେ ଏହି ଭୂମିକାରେ ନୁସରତ୍ ଦର୍ଶକଙ୍କୁ କେତେ ପ୍ରଭାବିତ କରିପାରୁଛନ୍ତି ତାହା ଫିଲ୍ମଟି ରିଲିଜ ହେଲେ ହିଁ ଜଣାପଡିବ।

## ନୱାଜଉଦ୍ଦିନଙ୍କ ହ୍ୟାଟ୍ରିକ୍

ସତରେ ଯାକୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନା କଳସ ଢ଼ାଳିବା। ଦେଖୁନାହାନ୍ତି ପଛକୁ ପଛ ନୱାଜଉଦ୍ଦିନ ସଦ୍ଦିକି କେମିତି ତିନୋଟି ସିନେମା ସାଇନ୍ କରିଛନ୍ତି। କେବଳ ସେତିକି ନୁହେଁ, ସେ ଅଭିନୟ କରିଥିବା ପାଞ୍ଚଟି ଫିଲ୍ମ ମଧ୍ୟ ଚଳିତବର୍ଷ ରିଲିଜ ହେବାକୁ ଯାଉଛି। ସେଗୁଡିକ ହେଲା-'ନୋ ଲ୍ୟାଣ୍ଡସ ମ୍ୟାନ୍', 'ଅଦଭୂତ', 'ଟିକୁ ୱେଡସ ଶେରୁ', 'ଜୋଗିରା ସାରା ରାରା' ଏବଂ 'ହେରୋପନ୍ତୀ-୨'। ଏହି ଫିଲ୍ମଗୁଡିକରେ ସେ ଭିନ୍ନ ଭିନ୍ନ ଭୂମିକାରେ ଦେଖିବାକୁ ମିଳିବେ। ଏ ନେଇ ନୱାଜଉଦ୍ଦିନ କହନ୍ତି, 'ମୁଁ ସବୁବେଳେ ଡିଫରେଣ୍ଟ ରୋଲ୍‌ରେ ଅଭିନୟ କରିବାକୁ ପସନ୍ଦ କରେ। ଭୂମିକା ପଜିଟିଭ ହେଉ କି ନେଗେଟିଭ ଅଥବା କମେଡି-ସେଗୁଡିକୁ ତୁଲାଇବା ଲାଗି ମୋର ଆତ୍ମବିଶ୍ୱାସ ରହିଛି। ତେଣୁ ପ୍ରତିଟି ସିନେମା ସାଇନ୍ କରିବା ପୂର୍ବରୁ ମୁଁ ତାହାର କାହାଣୀ ଏବଂ ସେଥିରେ ନିଜ ଭୂମିକା ଉପରେ ଗୁରୁତ୍ୱ ଦିଏ। କାରଣ ସବୁବେଳେ ଗୋଟିଏ ପ୍ରକାର ଭୂମିକାରେ ବାନ୍ଧି ହୋଇ ରହିବାକୁ ଚାହେଁନା। ଚଳିତବର୍ଷ ମୁଁ ଅଭିନୟ କରିଥିବା ପାଞ୍ଚଟି ଫିଲ୍ମ ରିଲିଜ ହେବାକୁ ଯାଉଛି। ଏହାବ୍ୟତୀତ ନିକଟରେ ତିନୋଟି ନୂଆ ସିନେମା ସାଇନ୍ କରିଛି।'



ନୱାଜଉଦ୍ଦିନ୍ ସଦ୍ଦିକି



ନୁସରତ୍

# ପ୍ରଥମ ରୋଜଗାର ଟଙ୍କା ବାପାଙ୍କ ହାତରେ ଦେଇଥିଲି

**ପ୍ରଥମ ରୋଜଗାର**



ହାସ୍ୟାଭିନେତା
**ଭକ୍ତ ପ୍ରହ୍ଲାଦ ଚରଣ ପଟ୍ଟନାୟକ** (ହାଡୁ) ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**ଖୋ**ର୍ଦ୍ଧା ଜିଲା ଅନ୍ତର୍ଗତ ଓଳସିଂହ ହେଉଛି ଆମ ଗାଁ। କିନ୍ତୁ ଆମେ ଛଅ ଭାଇଭଉଣୀ (୨ ଭାଇ ଓ ୪ ଭଉଣୀ) ସମସ୍ତେ ଜନ୍ମ ହୋଇଥିଲୁ ଭୁବନେଶ୍ୱରରେ। କାରଣ ବାପା ସେତେବେଳେ ଭୁବନେଶ୍ୱରରେ ଚାକିରି କରୁଥିଲେ। ବଡ଼ ଭାଇ, ତା' ତଳକୁ ମୁଁ ଆଉ ମୋ ତଳକୁ ଚାରି ଭଉଣୀ। ମାଟ୍ରିକ୍ ସରିବା ପରେ ଘରର ପରିସ୍ଥିତିକୁ ଦେଖି ମୁଁ ଆଉ ଆଗକୁ ପାଠ ନ ପଢି କିଛି ରୋଜଗାର କରିବାକୁ ଚିନ୍ତା କଲି। ସେଥିପାଇଁ ବାପାଙ୍କଠୁ କିଛି ଟଙ୍କା ନେଇ ଗୋଟିଏ ଛୋଟ ଗେଷ୍ଟ ହାଉସ୍‌ଟେ ଗଢିଲି। ସୌଭାଗ୍ୟକୁ ସେଇଟା ଭଲ ଚାଲିଲା। ଆଉ ସେଥିରୁ ଯାହା ରୋଜଗାର ହେଲା ସବୁ ନେଇ ଘରଖର୍ଚ୍ଚ ପାଇଁ ବାପାଙ୍କୁ ଦେଲି। ଅବଶ୍ୟ ସେତେବେଳକୁ ମୁଁ ଡ୍ରାମାରେ ହାସ୍ୟାଭିନୟ କରିବା ଆରମ୍ଭ କରି ଦେଇଥାଏ। ଅଭିନୟର କଳା ମୁଁ ବାପାଙ୍କଠାରୁ ଶିଖିଥିଲି। କାରଣ ବାପା ଚାକିରି କରିବା ସହ ଅଭିନୟ ମଧ୍ୟ କରୁଥିଲେ। ଏପରିକି ଡ୍ରାମାରେ ନିର୍ଦ୍ଦେଶନା ବି ଦେଉଥିଲେ। ବାପାଙ୍କୁ ଦେଖି ମୋ ମନରେ ଅଭିନୟ ପ୍ରତି ଆଗ୍ରହ ଆସିବାରୁ ଡ୍ରାମାରେ ଅଭିନୟ କରିବାକୁ ଲାଗିଲି। ମୋର ହାସ୍ୟାଭିନୟ ଲୋକଙ୍କୁ ଖୁବ୍ ପସନ୍ଦ ଆସୁଥିଲା ; ଆଉ ତାହା ହିଁ ମୋତେ ବାଟ କଢାଇନେଲା ଟେଲିଭିଜନ ଜଗତକୁ। ୧୯୯୫ରେ 'ଛାଇଆ' ଧାରାବାହିକ ପାଇଁ ମୁଁ ପ୍ରଥମେ ଅଫର୍ ପାଇଲି। ଡ୍ରାମାରେ ସିନା ପୃଷ୍ଠା ପୃଷ୍ଠା ସଂଳାପ ମନେ ରଖି ଅନର୍ଗଳ ଷ୍ଟେଜ୍‌ରେ କହି ପକାଉଥିଲି ହେଲେ ଯେବେ ପ୍ରଥମ କରି କ୍ୟାମେରାକୁ ସାମ୍ନା କଲି ମୋତେ ବହୁତ ଡର ଲାଗୁଥିଲା। କେତେବେଳେ ଡାଇଲଗ୍ ଭୁଲି ଯାଉଥିଲି ତ କେତେବେଳେ କ'ଣ ଆକ୍ସନ କରିବାକୁ ହେବ ତାହା ମନେ ପଡୁ ନଥିଲା। ବାରମ୍ବାର ମୋ ପାଇଁ ଟେକ୍ ନେବାକୁ ପଡୁଥିଲା। ନିଜକୁ ବହୁତ ଖରାପ ଲାଗୁଥିଲା। କିନ୍ତୁ ନିର୍ଦ୍ଦେଶକ ମୋତେ ସାହାସ ଦେଲେ ଆଉ ମୋର ଆତ୍ମବିଶ୍ୱାସ ବଢାଇଲେ। ତା'ପରଠୁ ମୁଁ ଆଉ ପଛକୁ ଫେରି ଚାହିଁନି। ଗୋଟିଏ ପରେ ଗୋଟିଏ ଧାରାବାହିକ, ତା'ପରେ ଅନେକ ଚଳଚ୍ଚିତ୍ରରେ ବି ହାସ୍ୟାଭିନୟ କରି ଲୋକଙ୍କ ହୃଦୟରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବାରେ ସକ୍ଷମ ହେଲି। ଏଥିସହିତ ୧୯୯୭ରୁ ମୁଁ ଡାଇରେକ୍ଟୋରେଟ୍ ଅଫ୍ କୋଅପରେଟିଭ୍ ଅଡିଟ୍ କାର୍ଯ୍ୟାଳୟରେ ଚାକିରି କରିଆସୁଛି। ତେବେ ଏଠାରେ ମୁଁ ଗୋଟେ କଥା କହି ରଖିବାକୁ ଚାହେଁ ଯେ, ଜୀବନର ପ୍ରତିଟି ପାହାଚରେ ମୁଁ ଯେତେବେଳେ ଯାହା ବି ରୋଜଗାର କରିଛି ସବୁକିଛି ମୋ ପରିବାର ପାଇଁ ଉତ୍ସର୍ଗୀକୃତ କରି ଦେଇଛି। କାରଣ ସେମାନଙ୍କ ଖୁସିରେ ମୋ ଖୁସି। ଭଗବାନଙ୍କ କୃପା ମୋ ଉପରେ ରହିଛି, ତେଣୁ ସବୁକିଛି ଆଜିଯାଏଁ ଠିକ୍‌ଠାକ୍ ଚାଲିଆସିଛି ଆଉ ଆଗକୁ ବି ଏମିତି ଚାଲୁଥାଉ ଏତିକି ହିଁ ମୁଁ ତାଙ୍କ ପାଖେ ମିନତୀ କରୁଛି।

–ଅସ୍ମିତା



ସାଥୀ

# ମନମୋହିନୀର ଚୋରା ଚାହାଣୀ, ଚାହାଣୀ କହୁଛି ପ୍ରେମ କାହାଣୀ...

**ପ୍ରଶ୍ନ**–ଯେଉଁ ଝିଅ ଲାଜେଇ ଲାଜେଇ ଚାହେଁ, ସେଥିରେ କ'ଣ ପ୍ରେମ ଲୁଚି ରହିଥାଏ ? କାରଣ ମୋତେ ଜଣେ ଝିଅ ଏପରି ଚାହୁଁଛି ? ଏବେ ମୁଁ କ'ଣ କରିବି ଜାଣିପାରୁନାହିଁ ?

*–ସନାତନ ସାହୁ, କେନ୍ଦ୍ରାପଡା*

**ଉତ୍ତର:** ଜଣେ ସୁନ୍ଦରୀର ଲାଜୁଆ ଚାହାଣୀରେ ଅନେକ କଥା ଲୁଚି ରହିଥାଏ। ସେହି ଚୋରା ଚାହାଣୀକୁ ଯଦି ଠିକ୍ ଭାବରେ ପଢ଼ି ପାରିଲେ ତେବେ ସେଥିରୁ ବହୁ କଥା ଜାଣିପାରିବେ। କାରଣ 'ମନମୋହିନୀର ଚୋରା ଚାହାଣୀ, ଚାହାଣୀ କହୁଛି ପ୍ରେମ କାହାଣୀ।' ସେହି ଲାଜକୁ ଯଦି ତର୍ଜମା କରି ତାହାର ଅସଲ ଅର୍ଥ ଜାଣିସାରିଲେଣି, ତେବେ ବିଳମ୍ବ କରିବାର କିଛି ଆବଶ୍ୟକତା ନାହିଁ। ବେଳକାଳ ଦେଖି ଏମିତି ତୀର ମାରନ୍ତୁ ଯେ ଯେମିତି ଏକାଥରେ ସେ ସୁନ୍ଦରୀ ହୃଦୟର ଗୋଟିଏ କୋଣରେ ଆପଣ ପରମାନେଣ୍ଟ ଘର କରିପାରିବେ।

**ପ୍ରଶ୍ନ**–ମୁଁ କଲେଜରେ ପଢ଼ିବା ସମୟରେ ଜଣେ ଝିଅ ପ୍ରେମରେ ପଡିଯାଇଥିଲି। ଏବେ ସେ ମୋତେ ଧୋକା ଦେଇ ଚାଲିଗଲା। ମୁଁ ଏବେ କ'ଣ କରିବି ?

*–ସୁମନ, କେନ୍ଦୁଝର*

**ଉତ୍ତର:** ଯେତେବେଳେ ସେହି ସୁନ୍ଦରୀ ପ୍ରେମରେ ପଡିଗଲେ, ସେତେବେଳେ ସେପଟୁ ଗ୍ରୀନ୍ ସିଗନାଲ୍ ଥିଲା ତ ? ଯଦି ନ ଥିଲା ତେବେ ଆପଣ ବୋଧହୁଏ ଏକତରଫା ପ୍ରେମ କରୁଥିଲେ। କାରଣ କଲେଜ ପଢ଼ିବାର ପ୍ରଥମ ପାହାଚରେ ମନ ଖାଲି ପ୍ରେମ କରିବାକୁ କୁତୁକୁତୁ ହେଉଥାଏ। ସେତିକିବେଳେ ଯଦି ନବୁଝି ରଂ ନମ୍ବର ଡାଏଲ କରିଦେଲେ ତେବେ ତାହାର ଫଳ ଆପଣ ହିଁ ଭୋଗିବେ। ଏବେ ତ ସେ ଝିଅ ଆପଣଙ୍କୁ ଧୋକା ଦେଇ ଚାଲିଗଲାଣି। ତେଣୁ ଆଉ ସେ ବିଷୟରେ ଚିନ୍ତା କରି କିଛି ଲାଭ ନାହିଁ। ବୋହି ଯିବା ପାଣି ଏବଂ ଧନୁରୁ ତୀର ଖସିଯିବା ପରେ ତାହା କ'ଣ କେବେ ଫେରିଆସେ ? ତେଣୁ ସେପରି ପ୍ରେମ ଆଉ ପ୍ରେମିକାକୁ ଯେତେ ଶୀଘ୍ର ଭୁଲିଯିବେ ତାହା ଆପଣଙ୍କ ପାଇଁ ଭଲ ହେବ।

**ପ୍ରଶ୍ନ**–ଜଣେ ଝିଅକୁ ମୋ ମନର କଥା ଅନେକ ଥର କହିସାରିଲିଣି। ସେ ଶୁଣି ହସି ଦେଉଛି। କ'ଣ କରିବି ?

*–ପ୍ରତାପ କୁମାର ନାୟକ, ବାଲେଶ୍ୱର*

**ଉତ୍ତର:** ଆପଣଙ୍କ ପ୍ରଶ୍ନରୁ ଯାହା ଜଣାପଡୁଛି, ଦୁଇ ପଟରୁ ଗ୍ରୀନ୍ ସିଗନାଲ୍ ରହିଛି। ହେଲେ ତା'ପରେ କ'ଣ କରିବେ ଜାଣିପାରୁନାହାନ୍ତି, ଏଇଆ ତ ? କଥାରେ ଅଛି 'ସମଝଦାର୍ ଆଦମୀକୋ ଇସାରା କାଫି ହୈ'। ତେଣୁ ବିଳମ୍ବ ନ କରି ଆଗକୁ ପାଦ ପକାନ୍ତୁ। ନ ହେଲେ ଏହି ପ୍ରେମ କେତେବେଳେ ତାହାର ଗତିପଥ ବଦଳାଇ ଦେବ ତାହା ନିଜେ ଜାଣିପାରିବେ ନାହିଁ। ତେଣୁ ସମୟ ସୁବିଧା ଦେଖି କହି ଫିଟ୍ କରିଦିଅନ୍ତୁ।


**ପ୍ରଶ୍ନ**–ଜଣେ ଝିଅକୁ ମୁଁ କେତେ ଥର 'ଆଇ ଲଭ୍ ୟୁ' କହିସାରିଲାଣି। ହେଲେ ସେ ମୋତେ କିଛି କହିବାକୁ ଚାହୁଁଛି। ହେଲେ କହୁନି କାହିଁକି ?

*–ଦୀପକ କୁମାର, ପୁରୀ*

**ଉତ୍ତର:** ଯେଉଁ ଝିଅକୁ ଏତେଥର 'ଆଇ ଲଭ୍ ୟୁ' କହି ସାରିଲେଣି, ସେ ବୋଧହୁଏ ଆପଣଙ୍କର ଏହି ମନର କଥାକୁ ଭଲ ଭାବରେ ତର୍ଜମା କରୁଛି। ପୁଣି ଉଲ୍ଲେଖ କରିଛନ୍ତି ଯେ ସେ ଆପଣଙ୍କୁ କିଛି କହିବାକୁ ଚାହୁଁଛି। ଏହାର ଅର୍ଥ ଆପଣ ତାଙ୍କର ଚାହାଣୀ, କଥାବାର୍ତ୍ତା ଶୈଳୀରୁ ଅନୁମାନ କରିପାରିବେ। ହେଲେ ତାହାକୁ ଠିକ୍ ଭାବରେ ପଢ଼ି ପାରିଲେ ହେଲା। ସେ ଝିଅଟି ଯଦି କିଛି କହିବାକୁ ବିଳମ୍ବ କରୁଛି, ତେବେ ଆପଣ ଅଧୈର୍ଯ୍ୟ ହେଉଛନ୍ତି କିଆଁ ? ନିଜର ଆଗ୍ରହ,ଉତ୍ସାହରେ ଟିକେ ଲଗାମ ଦିଅନ୍ତୁ। ହୁଏତ ବିଳମ୍ବରେ ଆପଣଙ୍କୁ ଶୁଭ ଖବର ମିଳିପାରେ !

# ସାଧାରଣତନ୍ତ୍ର ଦିବସରେ ମୋ ଉଚ୍ଚତାଠୁ ବଡ଼ ଟ୍ରଫି ପାଇଥିଲି





**ସେ ଚ୍ୟାଲେଞ୍ଜ ନେବାକୁ ପସନ୍ଦ କରନ୍ତି। ବିଉଟି ଅପେକ୍ଷା ଟ୍ୟାଲେଣ୍ଟକୁ ବେଶି ଗୁରୁତ୍ୱ ଦିଅନ୍ତି। ସମସ୍ତଙ୍କ ମନରେ ନିଜର ଏକ ସ୍ୱତନ୍ତ୍ର ଛାପ ଛାଡ଼ିବାକୁ ଚାହାନ୍ତି, ଯାହାକି ତାଙ୍କ ଭିନ୍ନ ସ୍ୱାଦର ଚଳଚ୍ଚିତ୍ର ତଥା ସିମ୍ଲା ଫିଲ୍ମ ଫେଷ୍ଟିଭାଲ୍‌ରେ ବେଷ୍ଟ ଫିଚର ଫିଲ୍ମ ଆୱାର୍ଡ ପାଇଥିବା 'ଡାଲ୍‌ଚିନି'ରୁ ବେଶ୍ ବାରିହୁଏ। ତା'ଛଡା ରିଲିଜ ହେବାକୁ ଥିବା 'ସମାପାଲୁର ରଘୁ' ଚଳଚ୍ଚିତ୍ର ବି ଏହାର ଆଉ ଏକ ଦୃଷ୍ଟାନ୍ତ। ନିଜ ଅଭିନୟର ଯାଦୁରେ ବାନ୍ଧି ରଖିବାକୁ ଚାହୁଁଥିବା ଏଇ ଅଭିନେତ୍ରୀ ହେଉଛନ୍ତି ସୂର୍ଯ୍ୟମୟୀ ମହାପାତ୍ର...**

**ଟଲିଉଡ୍ ନୁହେଁ ଓଲିଉଡ୍‌ରେ କାମ କରିବାକୁ ଚାହିଁଥିଲି**

ବାପା ଚାହୁଁଥିଲେ ଡାକ୍ତର ହେବି। ତେଣୁ ୨୦୧୪ରେ ଭାଇଜାଗରେ ମେଡିକାଲ କୋଚିଂ ନେଉଥିଲି। ସେତେବେଳେ ମିସ୍ ଭାଇଜାଗ ଅଡିସନ୍ ହେଉଥାଏ। ସେଥିରେ ଅଂଶଗ୍ରହଣ କରିବାକୁ ମୋ ବଡ଼ ଭଉଣୀ ବାଧ୍ୟ କଲା। ଆଉ ସୌଭାଗ୍ୟବଶତଃ ସେଥିରେ ଅଂଶ ଗ୍ରହଣ କରି ମୁଁ ସେକେଣ୍ଡ ରନର୍ସ ଅପ୍ ହେଲି। ଏହାପରେ ସାଉଥ୍ ଇଣ୍ଡଷ୍ଟ୍ରିର ବହୁତ ଅଫର୍ ଆସିଥିଲା। ହେଲେ ସେ ଭାଷା ସହ ମୁଁ କମ୍ଫର୍ଟେବୁଲ ନ ଥିଲି। ତେଣୁ ଓଡିଶାରେ ହିଁ ଆକ୍ଟିଂ କ୍ୟାରିୟର ଗଢିବାକୁ ନିଷ୍ପତ୍ତି ନେଲି। ଓଡ଼ିଶା ଆସି ରିୟାଲିଟି ଶୋ 'ମୁଁ ବି ହିରୋଇନ୍ ହେବି' ସିଜନ୨ରେ ଭାଗ ନେଲି। ଆଉ ଏଥିରେ ମୁଁ ୱିନର୍ ହେଲି। ମତେ ପ୍ରଥମ ଫିଲ୍ମ 'ଭଲପାଏ ତତେ ୧୦୦ରୁ ୧୦୦'ର ଅଫର୍ ମିଳିଲା। ଏଥିରେ ମୁଁ ବାବୁସାନ୍‌ଙ୍କ ସହ କାମ କରିବାର ସୁଯୋଗ ପାଇଲି।

**ପ୍ରଥମ କ୍ୟାମେରା ଫେସ୍**

ଅଭିନୟରେ ମୋର କୌଣସି ଅଭିଜ୍ଞତା ନ ଥିଲା। ମୁଁ ଏତିକି ବି ଜାଣି ବି ନ ଥିଲି କ୍ୟାମେରାର କେଉଁ ସାଇଡକୁ ଦେଖିବି। ତେଣୁ ମୁଁ ମୋର ବେଷ୍ଟ ଦେଇପାରି ନ ଥିଲି।

**ରୋଡିଜ୍ ଅଭିଜ୍ଞତା**

ମୁଁ ସବୁବେଳେ ସବୁକିଛି ଟ୍ରାଏ କରିବାକୁ ଚାହେଁ। ସଫଳତା ମିଳୁ ବା ନ ମିଳୁ, ଜୀବନରେ କିଛି ଅବସୋସ ରଖିବାକୁ ଚାହେଁନା। ରିସ୍କ ନେବାକୁ ଭଲ ପାଏ। ତେଣୁ ମୋର ପ୍ରିୟ ଶୋ' 'ରୋଡିଜ୍'ରେ ଅଡିସନ୍ ଦେଇଥିଲି। ଆଉ ଓଡ଼ିଶାର ପ୍ରଥମ ପ୍ରତିଯୋଗୀ ଭାବେ ଶୋ'ର ଚତୁର୍ଥ ରାଉଣ୍ଡ ପର୍ଯ୍ୟନ୍ତ ଯାଇପାରିଥିଲି ।

**ଅଭିନେତ୍ରୀ ନ ହୋଇଥିଲେ**

ବାସ୍କେଟ ବଲ୍ ଖେଳାଳୀ ଅବା ଏଣ୍ଟରପ୍ରେନ୍ୟୁର ହୋଇଥାନ୍ତି।

## ବିଉଟି ଓ ଫିଟ୍‌ନେସ୍ ସିକ୍ରେଟ୍

ମୁଁ ମୋ ନିଜକୁ କେବେ ବି ସୁନ୍ଦର ବୋଲି ଭାବେନି। ମତେ ଲାଗେ ଆଜି ମୁଁ ଯେଉଁଠି ବି ପହଞ୍ଚିଛି ତାହା କେବଳ ମୋ କଠିନ ପରିଶ୍ରମ ପାଇଁ, ସୁନ୍ଦରତା ପାଇଁ ନୁହେଁ। ଆଉ ଭଗବାନ ମତେ ଯେମିତି ଗଢିଛନ୍ତି ତାହା ଠିକ୍ ଅଛି। ତେଣୁ ମୁଁ ମୋର ବିଶେଷ ଯତ୍ନ ନେଇ ନ ଥାଏ। ତେବେ ଫିଟ୍ ରହିବା ଲାଗି ସକାଳୁ ଉଠି ଗରମ ପାଣିରେ ମହୁ ମିଶାଇ ପିଏ, ମର୍ଣ୍ଣିଂ ୱାକ କରେ। ଜିମ୍ ଯାଇ ୱେଟ୍ ଲିଫ୍ଟିଂ କରିବାକୁ ମତେ ବହୁତ ଭଲ ଲାଗେ। ଯୋଗ କରେନା। କାରଣ ଧ୍ୟାନ ଦେଇ ଯୋଗ କରିବାକୁ ମୋର ଧୈର୍ଯ୍ୟ ନାହିଁ। ଏହାଛଡ଼ା ବ୍ୟାଡମିଣ୍ଟନ, ବାସ୍କେଟ ବଲ୍ ଖେଳିବାକୁ ଭଲ ଲାଗେ।

**ଫେଭରେଟ୍ ଡେଲିୱେର:** ହୁଡିଜ୍ ପିନ୍ଧିବାକୁ ବହୁତ ଭଲ ଲାଗେ। ହୁଡିଜ୍‌ର ବହୁତ କଲେକ୍ସନ ମୋ ପାଖରେ ଅଛି। ମୁଁ ଅନ୍ୟକୁ ଫଲୋ ନ କରି ନିଜେ ଫ୍ୟାଶନ ଟ୍ରେଣ୍ଡ ସେଟ୍ କରିବାକୁ ଭଲ ପାଏ। ଆଉ ମୋ ଭଉଣୀ ମୋ ପାଇଁ ଡ୍ରେସ୍ ଡିଜାଇନ୍ କରେ। ସେଇ ଡିଫରେଣ୍ଟ ଷ୍ଟାଇଲ୍‌ର ଡ୍ରେସ୍ ମୋର ବହୁତ ପସନ୍ଦ।

**ବ୍ୟାଡ କ୍ୱାଲିଟି:** ମୁଁ ବହୁତ ଓଭର୍ ଥିଙ୍କ କରେ। ଛୋଟ କଥାକୁ ବେଶି ସିରିୟସ୍‌ଲୀ ନିଏ। ତେଣୁ ଅନେକ ସମୟରେ ବେଶି ଷ୍ଟ୍ରେସ୍ ଫିଲ୍ କରେ, ଏମିତିକି ଦେହ ବି ଖରାପ ହେଇଯାଏ।

**ଅବସର ସମୟରେ:** ଭିନ୍ନ ଭିନ୍ନ ଭାଷାର ଚଳଚ୍ଚିତ୍ର ଦେଖିବାକୁ ଭଲପାଏ।

**ରୋଷେଇ:** ମତେ ଖାଇବାକୁ ଭଲଲାଗେ। ହେଲେ ରୋଷେଇ ବିଶେଷ ଆସେନି।

**ସ୍କୁଲ ବେଳର ସ୍ମୃତି:** ମୁଁ ସ୍କୁଲରେ ପଢିବାବେଳେ ସ୍କାଉଟ୍ ଆଣ୍ଡ ଗାଇଡ୍ସରେ ଭାଗ ନେଉଥିଲି। ମୋର ମନେ ଅଛି ଥରେ ସାଧାରଣତନ୍ତ୍ର ଦିବସରେ ମୋ ହାଇଟ୍‌ଠୁ ବି ବଡ଼ ଟ୍ରଫି ମତେ ମିଳିଥିଲା। ସେଇକଥା ମନେ ପଡିଲେ ବହୁତ ଖୁସି ଲାଗେ।

**ସିଙ୍ଗଲ୍ ନୁହେଁ:** ମୁଁ ମ୍ୟାରେଡ୍। ମୋ କାମ ସହ ମୁଁ ମ୍ୟାରେଜ କରିଛି।



**ପସନ୍ଦ ନା ପସନ୍ଦ:** ଶପିଂ କରିବାକୁ ଭଲ ଲାଗେନା। କିନ୍ତୁ ବାଇକ୍ ଚଲେଇବାକୁ ବହୁତ ଭଲ ପାଏ।

**ସିକ୍ରେଟ୍ ଶେୟାର କରେ:** ମୋ' ପେଟ୍ ସିଲଭର୍ (ପିଟ୍ ବୁଲ୍ ବ୍ରିଡ୍‌ର ଡଗ୍) ସହ ମୁଁ ମୋ ସିକ୍ରେଟ୍ ଶେୟାର କରେ। ସେ ମୋର ବହୁତ କ୍ଲୋଜ୍।

**ଡରେ:** ମୋ ମା'ଙ୍କୁ ଡରେ।

–ଶିବାନୀ ମହାନ୍ତି

ପିୟାଲୀ



## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କମଲ୍ ଫଟୋଗ୍ରାଫି

# ହାଃ ହାଃ

## ଜେଡ୍ ପ୍ଲସ୍

ପପୁ ନିର୍ବାଚନରେ ମାତ୍ର ୩ଟି ଭୋଟ ପାଇଥାଏ। ଏହା ଦେଖି ପପୁ ପୋଲିସ୍‌ଙ୍କୁ: ଆଜ୍ଞା ମତେ ଦୟାକରି ଜେଡ୍ ପ୍ଲସ୍ ସୁରକ୍ଷା ପ୍ରଦାନ କରନ୍ତୁ।
ପୋଲିସ୍: ଜେଡ୍ ପ୍ଲସ୍ ସୁରକ୍ଷା ପୁଣି ତମକୁ ଦିଆଯିବ ? ପାଗଳ ନା କ'ଣ ?
ପପୁ: ଦେଖୁଛନ୍ତି ତ ମାତ୍ର ତିନିଜଣ ଭୋଟ ଦେଇଛନ୍ତି। ତା' ଅର୍ଥ ସାରା ସହରରେ ଏଇ ତିନିଜଣଙ୍କୁ ଛାଡି ସମସ୍ତେ ମୋର ଶତ୍ରୁ। ମତେ ତ ସୁରକ୍ଷା ମିଳିବା କଥା ନା।

## ମୋଟର ସାଇକେଲ

ପୁଅ ବାପାଙ୍କୁ: ମୋ ପାଇଁ ଗୋଟେ ମୋଟରସାଇକେଲ କିଣିଦିଅନା।
ବାପା: କ'ଣ ମୋଟରସାଇକେଲ ? ଭଗବାନ୍ ତତେ ଦୁଇ ଦୁଇଟା ଗୋଡ଼ କ'ଣ ପାଇଁ ଦେଇଛନ୍ତି ?
ପୁଅ: ଗୋଟେ ଗୋଡ଼ କିକ୍ ମାରିବା ପାଇଁ ଓ ଅନ୍ୟ ଗୋଡ଼ ଗିୟର ପକେଇବା ପାଇଁ।

## କମ୍ପ୍ରୋମାଇଜ୍

ସ୍ୱାମୀ-ସ୍ତ୍ରୀ ଭିତରେ ଝଗଡ଼ା ହେଲା। ଦିନସାରା ଦୁହେଁ କଥାବାର୍ତ୍ତା ହେଲେ ନାହିଁ। ରାତିରେ ସ୍ତ୍ରୀ: ଦେଖ ଏମିତି ଝଗଡ଼ା ଲାଗି କଥାବାର୍ତ୍ତା ନ ହେବାଟା ମତେ ଜମା ଭଲ ଲାଗୁନି। ଚାଲ କମ୍ପ୍ରୋମାଇଜ୍ କରିଦେବା।
ସ୍ୱାମୀ: କ'ଣ ମୁଁ କମ୍ପ୍ରୋମାଇଜ୍ କରିବି ?
ସ୍ତ୍ରୀ: ନାଇଁ ଟିକେ ତମେ କମ୍ପ୍ରୋମାଇଜ୍ କରିବ। ଆଉ ଟିକେ ମୁଁ କରିବି।
ସ୍ୱାମୀ: ହଉ କ'ଣ କରିବା କୁହ।
ସ୍ତ୍ରୀ: ତମେ ମତେ କ୍ଷମା ମାଗିଦିଅ। ଆଉ ମୁଁ ତୁମକୁ କ୍ଷମା କରିଦେବି।



# ଭ୍ରମଣରେ ଦେଶପ୍ରୀତିର ଝଲକ

**ସାଧାରଣତନ୍ତ୍ର ଦିବସ ଅବସରରେ ଭାରତର ବିଭିନ୍ନ ସ୍ଥାନରେ ଦେଶପ୍ରୀତି ସମ୍ପର୍କିତ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମର ଝଲକ ଦେଖିବାକୁ ମିଳିଥାଏ। ତେଣୁ ଏହି ବିଶେଷ ଦିବସ ଅବସରରେ କେଉଁ କେଉଁ ସ୍ଥାନକୁ ବୁଲିଗଲେ ମନରେ ଦେଶପ୍ରୀତି ଜାଗ୍ରତ ହେବା ସହ ଅନେକ ଐତିହାସିକ ତଥ୍ୟ ଜାଣିହେବ, ଆସନ୍ତୁ ଜାଣିବା ସେ ସମ୍ପର୍କରେ...**

**ସାବରମତୀ ଆଶ୍ରମ:** ଗୁଜରାଟର ଅହମଦାବାଦ୍‌ସ୍ଥିତ ସାବରମତୀ ନଦୀତଟରେ ଥିବା ଏହି ଆଶ୍ରମରେ ଗାନ୍ଧିଜୀ ନିଜ ଅନୁଗତ ବା ଶିଷ୍ୟମାନଙ୍କୁ ଅହିଂସା ଏବଂ ସତ୍ୟର ସନ୍ଧାନ ଉପରେ ଶିକ୍ଷା ଦେଉଥିଲେ। ତା'ସହିତ ଗାନ୍ଧିଜୀ ସେମାନଙ୍କୁ କୁଟୀରଶିଳ୍ପ, ହସ୍ତଶିଳ୍ପ, ଚାଷବାସ ଆଦି ବିଷୟ ଉପରେ ଜ୍ଞାନ ପ୍ରଦାନ କରୁଥିଲେ। 'ଖଟି ଖାଅ କାଟି ପିନ୍ଧ' ଥିଲା ଗାନ୍ଧିଜୀଙ୍କର ବାଣୀ। ସେଥିପାଇଁ ଗାନ୍ଧିଜୀ ଏଠାରେ ଚରଖା ସ୍ଥାପନ କରି ସେଥିରେ ନିଜେ ନିଜର ପୋଷାକ ତିଆରି କରି ପିନ୍ଧୁଥିଲେ ଏବଂ ଆଶ୍ରମବାସୀଙ୍କୁ ବି ତାହା ଶିଖାଉଥିଲେ। ତେଣୁ ଗାନ୍ଧିଜୀଙ୍କ ଆଦର୍ଶ ଓ ଶିକ୍ଷା ସବୁଦିନ ପାଇଁ ସମସ୍ତଙ୍କ ହୃଦୟରେ ଜୀବିତ ହୋଇ ରହିଛି ଓ ରହିଥିବ। ଆଉ ଏହି ସାବରମତୀ ଆଶ୍ରମଟି ଗାନ୍ଧିଜୀଙ୍କର ଗୁଣଗାନ ବଖାଣୁଥିବ। ତେଣୁ ସାଧାରଣତନ୍ତ୍ର ଦିବସ ଅବସରରେ ପର୍ଯ୍ୟଟକ ଚାହିଁଲେ ଏହି ଆଶ୍ରମକୁ ବୁଲିଯାଇ କିଛିଟା ନିଆରା ଅନୁଭୂତି ସାଉଁଟି ପାରିବେ।

**ଲାଲ୍‌କିଲା:** ସାଧାରଣତନ୍ତ୍ର ଦିବସ ଅବସରରେ ପ୍ରତିବର୍ଷ ଦିଲ୍ଲୀ ପରେଡ୍‌ର ଲୋକପ୍ରିୟତା ଏତେ ରହିଥାଏ ଯେ, ଯାହାକୁ ଦେଖିବା ପାଇଁ ଦେଶବିଦେଶରୁ ପର୍ଯ୍ୟଟକଙ୍କର ସୁଅ ଛୁଟିଥାଏ। ଆପଣ ବି ଚାହିଁଲେ ଦିଲ୍ଲୀ ପରେଡ୍ ଦେଖିବା ସହ ନିକଟରେ ଥିବା ଲାଲ୍‌କିଲାର ଅପୂର୍ବ ସୌନ୍ଦର୍ଯ୍ୟକୁ ମଧ୍ୟ ଉପଭୋଗ କରିପାରିବେ। କାରଣ ଏହା ହେଉଛି ଏକ ଐତିହାସିକ ଦୁର୍ଗ। ଇତିହାସ ସମ୍ବନ୍ଧୀୟ ଅନେକ ତଥ୍ୟ ଏହି ଦୁର୍ଗ ସହିତ ଜଡ଼ିତ ରହିଛି।

**ଇଣ୍ଡିଆ ଗେଟ୍:** ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ଗେଟ୍ ବି ହେଉଛି ଏକ ରାଷ୍ଟ୍ରୀୟ ସ୍ମାରକ। ସାଧାରଣତନ୍ତ୍ର ଦିବସ ଅବସରରେ ପର୍ଯ୍ୟଟକ ଚାହିଁଲେ ଇଣ୍ଡିଆ ଗେଟ୍ ଆଡ଼େ ବୁଲି ଯାଇ ମନରେ ଦେଶପ୍ରୀତି ଜାଗ୍ରତ କରିବା ସହ ଅନେକ ଐତିହାସିକ ତଥ୍ୟ ଜାଣିବାର ସୁଯୋଗ ପାଇପାରିବେ।


**ଅଟାରି-ୱାଘା ବର୍ଡର:** ସାଧାରଣତନ୍ତ୍ର ଦିବସ ଅବସରରେ ପର୍ଯ୍ୟଟକ ଚାହିଁଲେ ଅଟାରି-ୱାଘା ବର୍ଡର ଆଡେ ବି ଟିକେ ବୁଲି ଆସିପାରିବେ। ଏଠାକୁ ଗଲେ ଦେଶଭକ୍ତିର କିଛିଟା ନିଆରା ଅନୁଭୂତି ନିଶ୍ଚୟ ଅନୁଭବ କରିପାରିବେ।

**ଚନ୍ଦ୍ରଶେଖର ଆଜାଦ୍ ପାର୍କ:** ଏହା ଆଲ୍‌ଫ୍ରେଡ୍ ପାର୍କ ନାମରେ ବି ପରିଚିତ। ଏହି ପାର୍କଟି ଆଲ୍ଲାହାବାଦରେ ପ୍ରିନ୍ସ ଆଲ୍‌ଫ୍ରେଡ୍‌ଙ୍କ ନାଁରେ ପ୍ରଥମେ ଗଢ଼ି ଉଠିଥିଲା। କିନ୍ତୁ କ୍ରାନ୍ତିକାରୀ ଚନ୍ଦ୍ରଶେଖର ଆଜାଦ୍ ଏହି ପାର୍କରେ ଦେହତ୍ୟାଗ କରିବା ପରେ ଏହା ଲୋକମୁଖରେ ଚନ୍ଦ୍ରଶେଖର ଆଜାଦ୍ ପାର୍କ ଭାବେ ପରିଚିତ ହେବାକୁ ଲାଗିଲା। ସେଥିପାଇଁ ସାଧାରଣତନ୍ତ୍ର ଦିବସ, ସ୍ୱାଧୀନତା ଦିବସ, ଶହୀଦ ଦିବସ ପରି ବିଶେଷ ଦିନମାନଙ୍କରେ ଏଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ, ଯାହା ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଥାଏ।


**ଅଗଷ୍ଟକ୍ରାନ୍ତି ମୈଦାନ:** ୧୯୪୨ ମସିହା ଅଗଷ୍ଟ ୮ ତାରିଖରେ ଜାତିର ପିତା ମହାତ୍ମା ଗାନ୍ଧୀ ମୁମ୍ବାଇସ୍ଥିତ ଏକ ମୈଦାନ ବା ପଡ଼ିଆରେ ସାର୍ବଜନିନ ସମ୍ମିଳନୀରେ ଭାରତଛାଡ଼ ଆନ୍ଦୋଳନର ନାରାବାଜି ଦେଇଥିଲେ। ଯେଉଁ ପଡ଼ିଆରୁ ଗାନ୍ଧିଜୀ ଏହି ଅଭିଯାନର ମୂଳଦୁଆ ପକାଇଥିଲେ, ତାହା ବର୍ତ୍ତମାନ ଅଗଷ୍ଟକ୍ରାନ୍ତି ମୈଦାନ ନାଁରେ ଜଣାଶୁଣା। ପୂର୍ବରୁ ଏହା ଗୋୱାଲିୟା ଟ୍ୟାଙ୍କ ମୈଦାନ ଭାବେ ଜଣାଯାଉଥିଲା। ତେବେ ସେ ଯାହା ବି ହେଉ, ବିଭିନ୍ନ ସ୍ମରଣୀୟ ଦିବସରେ ପର୍ଯ୍ୟଟକ ଏଠାକୁ ଯାଇ ବିଶେଷ କାର୍ଯ୍ୟକ୍ରମଗୁଡ଼ିକୁ ଉପଭୋଗ କରିବାର ସୁଯୋଗ ନେଇପାରିବେ।

**ଚମ୍ପାରଣ:** ଏହା ବିହାରସ୍ଥିତ ଏକ ଐତିହାସିକ ସ୍ଥଳ, ଯାହା ଏବେ ପୂର୍ବ ଚମ୍ପାରଣ ଓ ପଶ୍ଚିମ ଚମ୍ପାରଣ ନାମରେ ଦୁଇଟି ଭିନ୍ନ ଜିଲା ହୋଇଯାଇଛି। ଇତିହାସ ଅନୁଯାୟୀ, ବିଦେଶରୁ ଫେରିବା ପରେ ଜାତିର ପିତା ମହାତ୍ମା ଗାନ୍ଧୀ ଇଂରେଜଙ୍କ ବିରୋଧରେ ନିଜର ପ୍ରଥମ ଅହିଂସା ଆନ୍ଦୋଳନ ଏହିଠାରୁ ଆରମ୍ଭ କରିଥିଲେ। ଏହାକୁ ଆମେ ଭାରତର ଏକ କୃଷକ ଆନ୍ଦୋଳନ ମଧ୍ୟ କହିପାରିବା, ଯାହାର ପ୍ରତିନିଧିତ୍ୱ ସ୍ୱୟଂ ବାପୁ ହିଁ କରିଥିଲେ। ଚମ୍ପାରଣର ଇତିହାସ ଏତେସବୁ ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀକୁ ନିଜ ଭିତରେ ସାଇତି ରଖିଥିବାରୁ ଏହି ସ୍ଥାନଟିର ମହତ୍ତ୍ୱ ସବୁବେଳେ ରହିଆସିଛି। ତେଣୁ ସାଧାରଣତନ୍ତ୍ର ଦିବସ ଅବସରରେ ପର୍ଯ୍ୟଟକ ଏଠାକୁ ମଧ୍ୟ ବୁଲିଯାଇ ଅନେକ ଅନୁଭୂତି ହାସଲ କରିପାରିବେ।

କେବଳ ଏହିସବୁ ସ୍ଥାନ ନୁହେଁ, ପର୍ଯ୍ୟଟକ ଚାହିଁଲେ ସାଧାରଣତନ୍ତ୍ର ଦିବସ ଅବସରରେ କୋଲକାତାର ନେତାଜୀ ଭବନ, ଲଦାଖସ୍ଥିତ କାରଗିଲ୍ ଯୁଦ୍ଧ ସ୍ମାରକ, ଗୁଜରାଟର ପୋର୍‌ବନ୍ଦର ଆଦି ସ୍ଥାନକୁ ବୁଲିଯାଇ ଦେଶପ୍ରୀତିର କିଛିଟା ନିଆରା ଅନୁଭୂତିକୁ ନିଶ୍ଚୟ ଅନୁଭବ କରିପାରିବେ।










# ପରୀ ଭଳି କେଶ

ସବୁ ଝିଅଙ୍କର ଇଛା ଥାଏ ତାଙ୍କ କେଶ ସୁନ୍ଦର, ଲମ୍ବା ଓ ରେଶମୀ ହେଉ। ଏମିତିକି କାହାଣୀର ସୁନ୍ଦରୀ ରାଜ କୁମାରୀ ଓ ପରୀଙ୍କ ପରି ସୁନ୍ଦର ଘନ ଲମ୍ବା କେଶର ସ୍ୱପ୍ନ ବି ଅନେକେ ଦେଖନ୍ତି। କିନ୍ତୁ ଏଭଳି କେଶ ସମସ୍ତଙ୍କୁ ମିଳିପାରେନା। ତେବେ ୟୁକ୍ରେନ୍‌ର ଏଲୋନା କ୍ରେବସେଙ୍କୋ ନାମ୍ନୀ ଯୁବତୀଙ୍କ କେଶ କୌଣସି ପରୀଠାରୁ କମ୍ ନୁହେଁ। ତାଙ୍କୁ ଦେଖିଲେ ଲାଗେ ସତେ ଯେମିତି ସେ କୌଣସି ପରୀକଥାରୁ ବାହାରି ଆସିଛନ୍ତି। ତାଙ୍କ କେଶର ଲମ୍ବା ଜଣେ ସାଧାରଣ ମଣିଷଠାରୁ ଅଧିକ। କାରଣ ତାଙ୍କ କେଶର ଲମ୍ବ ହେଉଛି ୬.୫ ଫୁଟ୍। ସେଇ କେଶରେ ହିଁ ତାଙ୍କର ପୂରା ଶରୀର ଘୋଡେଇ ହେଇଯାଏ। ତାଙ୍କ କେଶ ରେଶମୀ ଓ ସୁନେଲି। ତେଣୁ ଡିଜ୍‌ନୀର ରାଜକୁମାରୀ ପରି ସେ ଲାଗନ୍ତି। ୩୫ ବର୍ଷୀୟା ଏଲୋନା ୟୁକ୍ରେନ, ଓଡେସାରେ ରୁହନ୍ତି। ପେସାରେ ସେ ଜଣେ ବିଜନେସ୍ ଓମେନ୍। ଏଲୋନା କହନ୍ତି, ଥରେ ମୋ ମା' ମତେ କହିଥିଲେ ଝିଅମାନେ ନିଜ କେଶ କାଟିବା ଉଚିତ ନୁହେଁ, ଲମ୍ବା କେଶ ରଖିବାକୁ ଚେଷ୍ଟା କରିବା କଥା। ଏଇ କଥା ମୋ ମନରେ ଘର କରିଯାଇଥିଲା। ସେତେବେଳେ ମତେ ବୟସ ମାତ୍ର ୫ ବର୍ଷ। ଆଉ ସେବେଠାରୁ ହିଁ କେଶ କାଟିବିନି ବୋଲି ନିଷ୍ପତ୍ତି ନେଲି।' ଯା ମଧ୍ୟରେ ୩୦ ବର୍ଷ ହୋଇଗଲାଣି ଏଲୋନା କେଶ କାଟି ନାହାନ୍ତି। କେବେ କେବେ ସେ କେଶ ଟ୍ରିମ୍ କରି ସାଇଜ୍ କରିଦିଅନ୍ତି। କାରଣ ଟ୍ରିମ୍ କଲେ କେଶ ଭଲଭାବେ ବଢିଥାଏ। ସେ ସପ୍ତାହକୁ ଥରେ କେଶ ଧୁଅନ୍ତି। ଏଥିପାଇଁ ତାଙ୍କୁ ୩୦ ମିନିଟ୍ ସମୟ ଲାଗିଯାଏ। କେଶ ଓଦା ଥିବା ସମୟରେ ତ ସେ କେବେ ବି କେଶକୁ କୁଣ୍ଡାନ୍ତି ନାହିଁ। କାରଣ ଏହାଦ୍ୱାରା କେଶ ଅଧିକ ଉପୁଡିଥାଏ। ଏବେ ତାଙ୍କ କେଶ ନିଜ ଉଚ୍ଚତାଠାରୁ ଅଧିକ ଲମ୍ବା। ଆଉ ସେ ନିଜ କେଶକୁ ବହୁତ ଭଲ ପାଆନ୍ତି।













## କାର୍ଟୁନ କର୍ନର



ବ୍ୟାକ୍ ପେଜ୍









# ସେଲ୍ଫି ମ୍ୟୁଜିୟମ୍

**ଆ**ଜିକାଲି ସମସ୍ତେ ସେଲ୍ଫି ମାୟାରେ ବାୟା। କେଉଁଠି ଏକ ଭଲ ସୁନ୍ଦର ଜାଗା ଦେଖିବା ମାତ୍ରେ ଆରମ୍ଭ ହୋଇଯାଏ ସେଲ୍ଫି ପର୍ବ। ଏହାକୁ ନଜରରେ ରଖି ସଂଯୁକ୍ତ ଆରବ ଏମିରେଟ୍‌ରେ ତିଆରି ହୋଇଛି ସେଲ୍ଫି ମ୍ୟୁଜିୟମ୍। ସାମାଜିକ ମିଳାମିଶାକୁ ପ୍ରୋତ୍ସାହିତ କରିବା ଓ କିଛି ସ୍ମରଣୀୟ ଫଟୋ ଉତ୍ତୋଳନ କରିବା ପାଇଁ 'ଦ ସେଲ୍ଫି କିଙ୍ଗଡମ୍' ନାମକ ଏହି ସଂଗ୍ରହାଳୟ ସ୍ଥାପିତ କରାଯାଇଛି। ଏଠାରେ ବିଭିନ୍ନ ପ୍ରକାରର ଥିମ୍‌ରେ ସାଜସଜ୍ଜା ହୋଇଥିବା ଦେଖିବାକୁ ମିଳେ। ଆକର୍ଷକ ଲାଇଟ୍ ଥିବା ୧୫ଟି କୋଠରୀରେ ବିଭିନ୍ନ ପ୍ରକାରର ଅଜବ ଗଜବ ପୃଷ୍ଠଭୂମି ରହିଛି। ଏହାର ସଂସ୍ଥାପକ ରାନିୟା ନଫା କହନ୍ତି, 'ଏହାକୁ ନିର୍ମାଣ କରିବାର ଉଦ୍ଦେଶ୍ୟ ସେଲ୍ଫି ପ୍ରେମୀଙ୍କୁ ଆକର୍ଷିତ କରିବା ଓ ସୋସିଆଲ ମିଡିଆ ଆକାଉଣ୍ଟ ପାଇଁ କିଛି ସୁନ୍ଦର ମୁହୂର୍ତ୍ତକୁ ସେଲ୍ଫି ମାଧ୍ୟମରେ ଉତ୍ତୋଳନ କରି ଫ୍ୟାନ ଫଲୋୟରଙ୍କୁ ଶେୟାର କରିବା। ଏଠାରେ ଲୋକଙ୍କୁ ସାହାଯ୍ୟ କରିବା ଲାଗି ଫଟୋଗ୍ରାଫର ବୁକ୍ କରିବାର ବିକଳ୍ପ ବି ଉପଲବ୍ଧ ଅଛି।'



# ମୁର୍ଦ୍ଦାର ପାଉଁଶରେ ଗହଣା

**ନି**ଜ ଲୋକଙ୍କୁ ହରାଇବାର ଦୁଃଖ ସବୁ ଦୁଃଖଠାରୁ ଅଧିକ। ଆଉ ଏହି ଦୁଃଖ ସେତେବେଳେ ବଢିଯାଏ ଯେବେ ସେହି ପ୍ରିୟ ମଣିଷଟିର ବହୁତ ଆବଶ୍ୟକତା ଥାଏ, ହେଲେ ସେ ପାଖରେ ନ ଥାନ୍ତି । ଏମିତିକି କୌଣସି ଖାସ୍ ଅବସରରେ ବି ସେଇ ମଣିଷଙ୍କର ଅନୁପସ୍ଥିତି ହୃଦୟକୁ ବିଦାରି ପକାଏ। ଏହି ଅଭାବ ଓ ଶୂନ୍ୟତାକୁ କିଛି ମାତ୍ରାରେ ପୂରଣ କରିବା ପାଇଁ ଜଣେ ମହିଳା ଜୁଏଲାରୀ ଡିଜାଇନର୍ ଏକ ଅଜବ ପ୍ରୟାସ କରିଛନ୍ତି। ଏହି ପ୍ରୟାସ କେବଳ ଖାସ୍ ନୁହେଁ ବରଂ ଅନେକଙ୍କ ପାଇଁ ଏହା ବେଶ୍ ଭାବପ୍ରବଣକାରୀ ମଧ୍ୟ। ଏହି ଜୁଏଲାରୀ ଡିଜାଇନର୍‌ଙ୍କ ନାମ ହେଉଛି ମେଗ୍। ସେ 'ଟ୍ରି ଅଫ୍ ହୋପ୍' ନାମକ ଏକ ଜୁଏଲାରୀ ବ୍ୟବସାୟ କରୁଛନ୍ତି। ମେଗ୍ କହନ୍ତି, 'ଲୋକେ ନିଜର ପ୍ରିୟ ମଣିଷଙ୍କୁ ଖାସ୍ ଅବସରରେ ବହୁତ ମନେ ପକାନ୍ତି। ତାଙ୍କ ଉପସ୍ଥିତି ଚାହାନ୍ତି। ତେଣୁ ମୁଁ ଦୁନିଆ ଛାଡି ଚାଲି ଯାଇଥିବା ପ୍ରିୟ ମଣିଷଙ୍କ ପାଉଁଶରେ ଗହଣା ତିଆରି କରିବାକୁ ଭାବିଲି। ଯାହାକୁ ପିନ୍ଧି ସେଇ ପ୍ରିୟ ମଣିଷଟି ସବୁବେଳେ ପାଖେ ପାଖେ ଥିବା ପରି ଅନୁଭୂତ ହେବ।' ମେଗ୍ ପ୍ରଥମେ ପାଉଁଶରେ ନିଳ ରଙ୍ଗର ଡାଇ ମିଶାନ୍ତି। ଏହାପରେ ସେଥିରେ ସେ ରେଜିନ୍ ମିଶାଇ ତାକୁ ପଥରରେ ରୂପାନ୍ତରିତ କରନ୍ତି। ପରେ ଏହି ପଥରରେ ସେ ମୁଦି, ନେକ୍‌ଲେସ୍, ଏମିତିକି ଛୋଟ ଛୋଟ ମୂର୍ତ୍ତି ତିଆରି କରନ୍ତି। ଏହି ଅଳଙ୍କାର ଦେଖିବାକୁ ବେଶ୍ ଆକର୍ଷକ ଓ ଅନ୍ୟ ଅଳଙ୍କାର ପରି ହିଁ ଲାଗେ। ଏବେ ମେଗ୍‌ଙ୍କ ଗ୍ରାହକଙ୍କ ସଂଖ୍ୟା ବଢିବାରେ ଲାଗିଛି।

# ବ୍ରିଗେଡିୟର୍ ପେଙ୍ଗୁଇନ୍

**ସେ**ନାରେ କେବଳ ମଣିଷ ନୁହନ୍ତି ପ୍ରାଣୀମାନେ ବି ସାମିଲ ହୋଇପାରିବେ। ଏକଥାକୁ ଅନେକେ ବିଶ୍ୱାସ କରିପାରୁ ନ ଥିବେ। କିନ୍ତୁ କିଛି ବର୍ଷ ତଳେ ୨୦୧୬ରେ ଏକ ପ୍ରାଣୀକୁ କେବଳ ଯେ ସେନାର ଅଂଶ କରାଯାଇଥିଲା ତାହା ନୁହେଁ ବରଂ ଏକ





ସର୍ବୋଚ୍ଚ ପଦବୀ ଦିଆଯାଇଥିଲା। ତାସହ ତାକୁ ଗାର୍ଡ ଅଫ ଅନର୍ ବି ଦିଆଯାଇଥିଲା। ଏହା ହେଉଛି ସ୍କଟଲାଣ୍ଡର ରାଜଧାନୀ ଏଡିନ୍‌ବର୍ଗ ଚିଡିଆଖାନାର ଏକ ପେଙ୍ଗୁଇନ୍‌ର କଥା। 'ସର୍ ନିଲ୍ସ ଓଲାଭ' ନାମକ ଏହି ପେଙ୍ଗୁଇନ୍‌କୁ ବ୍ରିଗେଡିୟର୍ ପଦବୀ ମିଳିଥିଲା। ଆଉ ୫୦ରୁ ଊର୍ଦ୍ଧ୍ୱ ସୈନିକ ତାକୁ ଗାର୍ଡ ଅଫ୍ ଅନର୍ ପ୍ରଦାନ କରିଥିଲେ। ଜଣେ ସେନାଧିକାରୀ ସାଲ୍ୟୁଟ୍ ମଧ୍ୟ କରିଥିଲେ। ଆଉ ନିଲ୍ସକୁ କିଙ୍ଗସ୍ ଅଫ୍ ନରୱେ ଗାର୍ଡ ବିଭାଗର ମୁଖ୍ୟ ସଦସ୍ୟ କରାଯାଇଥିଲା। ତେଣୁ ସେ 'ବ୍ରିଗେଡିୟର୍ ସର୍ ନିଲ୍ସ ଓଲାଭ' ନାମରେ ପରିଚିତ ହେଲା। ଏହି ସମାରୋହରେ ନିଲ୍ସ ଏକ ପେଙ୍ଗୁଇନ୍ ନୁହେଁ ବରଂ ସେନାର ଜଣେ ଯୋଦ୍ଧା ପରି ଲାଗୁଥିଲା। ଆଉ ସେ ବୀର ଠାଣିରେ ଚାଲୁଥିଲା। କେବଳ ସେତିକି ନୁହେଁ ସେଠାରେ ଜଣେ ଅଫିସର୍‌ଙ୍କୁ ନିରୀକ୍ଷଣ ବି କରିଥିଲା। ସମାରୋହର ଆୟୋଜକଙ୍କ କହିବାନୁସାରେ ସ୍କଟଲାଣ୍ଡ ଓ ନରୱେ ଦୁଇ ଦେଶ ମଧ୍ୟସ୍ଥ ସମ୍ପର୍କର ଏହା ଏକ ସୁନ୍ଦର ଦୃଶ୍ୟ ଥିଲା।